


### ମହିଳା ସରପଞ୍ଚଙ୍କ ପ୍ରତି ବ୍ଲକ ପ୍ରଶାସନର ଅଣଦେଖା

# ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଲେ

ରାଜକନିକା, ୧୫ ।୩(ସମିସ):



ରାଜକନିକା ବ୍ଲକ ଅନ୍ତର୍ଗତ କୋରନ୍ଦ ପଞ୍ଚାୟତକୁ ଆସିଥିବା ଖେଳ ସାମଗ୍ରୀ ଦେବାରେ ବ୍ଲକ ପ୍ରଶାସନ ଟାଳଟୁଳ ନୀତି ଆପଣେଇ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଦେବା ପ୍ରତିବାଦରେ ଆଜି କୋରନ୍ଦ ସରପଞ୍ଚ ଗୀତାଞ୍ଜଳୀ ସେଠୀ ଓ ସମିତିସଭ୍ୟଙ୍କ ସହିତ ବହୁ ସମର୍ଥକ ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଜଣେ ଦଳିତ ସମ୍ପ୍ରଦାୟର ମହିଳା ହୋଇଥିବାରୁ ବ୍ଲକ ପ୍ରଶାସନ ଜାଣିଶୁଣି ତାଙ୍କୁ ହଇରାଣ କରିବା ନେଇ ସରପଞ୍ଚ ମଧ୍ୟ ଅଭିଯୋଗ କରିଛନ୍ତି । ଏମିତିକି ତାଙ୍କୁ ନ୍ୟାୟ ନ ମିଳିବା ଯାଏ ସେ ଧାରଣାରେ ବସିବେ ବୋଲି ମଧ୍ୟ କହିଛନ୍ତି । ଅଭିଯୋଗ ଅନୁଯାୟୀ କୋରନ୍ଦ ପଞ୍ଚାୟତକୁ କ୍ରୀଡାର ବିକାଶ ପାଇଁ ଆସିଥିବା ବହୁ ଖେଳ ସାମଗ୍ରୀକୁ ସରପଞ୍ଚଙ୍କ ଅଜାଣତରେ ଅନ୍ୟଜଣେ ବ୍ୟକ୍ତିଙ୍କୁ ଦିଆଯାଇଛି । ଏମିତିକି ୪ଦିନ ହେବ ବ୍ଲକକୁ ଆସି ଫେରୁଥିଲେ ବି ଆଜି ଆସ କାଲି ଆସ କହି ବ୍ଲକ ପ୍ରଶାସନ ଭଣ୍ଡାଉଛି । ଏ ସମ୍ପର୍କରେ ବିଡିଓ ପୃଥ୍ୱିରାଜ ପରିଡ଼ାଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ସେ କହିଥିଲେ ଯେ ଖେଳ ସାମଗ୍ରୀ କୋରନ୍ଦ ପଞ୍ଚାୟତକୁ ପଠାଯାଇସାରିଛି । ହେଲେ ସରପଞ୍ଚଙ୍କ ଅଜାଣତରେ କିଏ ଏହି ସାମଗ୍ରୀ ଉଠାଇଲା ସେଥିପାଇଁ ଖୁଲାସା ହେବା ଦରକାର ବୋଲି ସରପଞ୍ଚ ଅଭିଯୋଗ କରିଛନ୍ତି । ଏମିତିକି ବିଡ଼ିଓ ମଧ୍ୟ ଖେଳ ସାମଗ୍ରୀ ଉଠାଣରେ ସରପଞ୍ଚଙ୍କ କୌଣସି ଭୂମିକା ନାହିଁ ବୋଲି କହିବା ପରେ ସରପଞ୍ଚ ଆପତ୍ତି ଉଠାଇଛନ୍ତି । ସେ ଜଣେ ଦଳିତ ମହିଳା ସରପଞ୍ଚ ହୋଇଥିବାରୁ ନିର୍ଦ୍ଦିଷ୍ଟ ଭାବେ ତାଙ୍କ ପ୍ରତି ଅଣଦେଖା କରାଯିବା ସହିତ ବିଡ଼ିଓ କୌଣସି କାର୍ଯ୍ୟରେ ସହଯୋଗ କରୁନାହାନ୍ତି ବୋଲି ମଧ୍ୟ ଅଭିଯୋଗ କରିଛନ୍ତି ସରପଞ୍ଚ । ଯଦି ଏହାର ନ୍ୟାୟ ନ ମିଳେ ସେ ଧାରଣାରୁ ଉଠିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି । ତେବେ ବିଡ଼ିଓ ଶେଷରେ ସମସ୍ତ ଖେଳ ସାମଗ୍ରୀ ଯୋଗାଇ ଦେବାର ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

### ● ପ୍ରଶାସନକୁ ଚ୍ୟାଲେଞ୍ଜ ଦେଇ ବାଜୁଛି ଡିଜେ

## ପୁଲିସ ଆଗରେ ଡିଜେ ବଜାଇଇ ନାଚିଲେ

କେନ୍ଦ୍ରାପଡ଼ା, ୧୫।୩(ସମିସ): ପ୍ରସାଶନିକ କଟକଣା କେହି ମାନୁନାହାନ୍ତି । ଦିନକୁ ଦିନ ଡିଜେ ଶବ୍ଦରେ କେନ୍ଦ୍ରାପଡ଼ାବାସୀ ଅସ୍ତବ୍ୟସ୍ତ ହୋଇପଡ଼ିଲେଣି । କେବେ ବନ୍ଦ ହେବ ଡିଜେ ଆଉ ଏହାର ବିକଟାଳ ଶବ୍ଦରୁ ତ୍ରାହି ମିଳିବ ବୋଲି କହୁଛନ୍ତି ଲୋକେ ।  ମାତ୍ର ଥାନା ସମ୍ମୁଖ ଆଉ ପୁଲିସ ଛିଡ଼ା ହେବାବେଳେ ଡିଜେ ବାଜିବା ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଇଛି । କେନ୍ଦ୍ରାପଡ଼ା ସଦରଥାନା ନିକଟରେ ଏକ ବର ପ୍ରୋସେଶନ କରି ଯାଉଥିବା ବେଳେ ଡିଜେର ବିର୍କଟାଳ ଶବ୍ଦରେ ଅଞ୍ଚଳ ଫାଟି ପଡ଼ିଥିଲା । ଅସହ୍ୟ ଶବ୍ଦ ଓ ବାସ୍ ଦେଇ ସାଉଣ୍ଡ ଛାତି ଥରେଇ ଦେଉଥିଲା । ଯେକେହି ସେହି ରାସ୍ତାରେ ଯାଉଥିଲା କିଛି ସମୟ ସ୍ତବ୍ଧ ହୋଇଯାଉଥିଲା । ହୃଦ୍‌ରୋଗୀଙ୍କ ପାଇଁ ଆତଙ୍କ ସାଜିଥିଲା । କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚାନ୍ଦୋଳର ଦାନପୂର ଅଞ୍ଚଳରୁ ଏହି ଡିଜେ ଆସିଥିବା ସୂଚନା ମିଳିଛି । ଗତ ସରସ୍ୱତୀ ପୂଜା ଭସାଣି ମେଳଣ ଉତ୍ସବରେ ଡିଜେ ସାଉଣ୍ଡ ଦ୍ୱାରା ପ୍ରମୋଦ ଦାଶଙ୍କୁ ହୃଦ୍‌ଘାତ ହୋଇଥିଲା । ଏହାଛଡ଼ା ସେହି ଅଞ୍ଚଳର ୧୫ ଜଣ ବ୍ୟକ୍ତି ଆହତ ହୋଇଥିଲେ । ଏହାପରେ ପ୍ରଶାସନ ପକ୍ଷରୁ କଡା ପଦକ୍ଷେପ ନିଆଯାଇ ସାଉଣ୍ଡକୁ ନିୟନ୍ତ୍ରଣ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପରେ ପରେ ଡିଜେ ବଜାଇବା ପାଇଁ ଅନୁମତି ମଧ୍ୟ ବନ୍ଦ କରାଯାଇଥିଲା । ଜିଲ୍ଲାପ୍ରଶାସନ ଡିଜେ ସାଉଣ୍ଡକୁ ବ୍ୟାନ୍‌କରି କଟକଣା ଜାରି କରିବା ପରେ ମଧ୍ୟ ଅମାନିଆ ମାନୁନାହାନ୍ତି । ସଦର ଥାନା ନିକଟରୁ ଆରମ୍ଭ ହୋଇଥିବା ପ୍ରୋସେଶନ ଫୁଲ ସାଉଣ୍ଡରେ ଦୁମ୍ ଦୁମ ବାସ ସହିତ ଡିଜେ ଲାଇଟରେ ଅଞ୍ଚଳ କମ୍ପିଥିଲା । ଏହି ଲାଇଟ୍ ଆଖିରେ ପଡ଼ିବା ଦ୍ୱାରା ଅନେକଙ୍କୁ ରାସ୍ତା ମଧ୍ୟ ଦେଖାଗଲା ନାହିଁ । କେନ୍ଦ୍ରାପଡ଼ାରେ ଅନେକ ଗୁଡ଼ିଏ ପୂଜା ମହୋତ୍ସବରେ ସାଉଣ୍ଡ ଅନୁମତି ଦେଉଥିବା ପ୍ରାଶାସନିକ ଅଧିକାରୀ ହାତ କାଟି ଡିଜେ ବାଜିବାକୁ ମନା ବୋଲି ଲେଖୁଥିବା ବେଳେ ସାଉଣ୍ଡ ଅନୁମତି ମିଳିଲା ପରେ ସବୁ ନିୟମକୁ ଅଣଦେଖା କରି ମନମୁଖୀ ଡିଜେ ସାଉଣ୍ଡ ବଜେଇ ନାଚି ଅମାନିଆ ଧୂଳି ଉଡ଼ାଉଛନ୍ତି । ତେବେ ଏଭଳି ଘଟଣା ବାରମ୍ବାର ଘଟିବା ଦ୍ୱାରା ପୁଲିସ ପ୍ରଶାସନର ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।




## ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା, ୧୫।୩(ସମିସ): ଆଜି କେନ୍ଦ୍ରାପଡ଼ା ଜିଲ୍ଲା ସଦରମହକୁମାରେ ଜିଲ୍ଲାସ୍ତରୀୟ ୮୯ତମ ଓଡ଼ିଶା ଦିବସ-୨୦୨୪ ଓ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତିଷ୍ଠା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଦିବସ ଓ ଜିଲ୍ଲା ପ୍ରତିଷ୍ଠା ଦିବସକୁ ପୂର୍ବବର୍ଷ ଭଳି ସରସ ସୁନ୍ଦର ଭାବେ ପାଳନ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ର ସମସ୍ତଙ୍କ ସହଯୋଗ ଓ ସୁଚିନ୍ତିତ ମତାମତ କାମନା କରିଥିଲେ । ଉତ୍କଳ ଦିବସ ଦିନ ପ୍ରତ୍ୟୁଷ ୪.୩୦ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ରଦ୍ୱାରା ପୌରାଞ୍ଚଳରେ 'ଉତ୍କଳ ଜନନୀ ପ୍ରୀତିମୂଳକ 'ସଙ୍ଗୀତ ପ୍ରଚାର କରାଯିବ ଓ ସକାଳ ୭ଟା ସମୟରୁ ପୌରାଞ୍ଚଳର ବିଭିନ୍ନ ସ୍ଥାନ, କେନ୍ଦ୍ରାପଡ଼ା ବ୍ଲକ ପରିସର, କୋର୍ଟ ପରିସର, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଏବଂ ତୁଳସୀ ମହିଳା ମହାବିଦ୍ୟାଳୟରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାଲ୍ୟାର୍ପଣ କରାଯିବ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବ୍ଲକସ୍ତରରେ ପ୍ରତିଯୋଗିତା ଅନୁଷ୍ଠିତ ହେବ ଓ ବ୍ଲକସ୍ତରରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀମାନେ ଜିଲ୍ଲାସ୍ତରୀୟ ଓଡିଆ ବକ୍ତୃତା, ଉତ୍କଳ ଜନନୀ ପ୍ରୀତିମୂଳକ ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେବେ ଓ ଉକ୍ତ ଦିବସରେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଓ ବାଣିଜ୍ୟ ପ୍ରତିଷ୍ଠାନଗୁଡିକରେ ଆଲୋକ ସଜ୍ଜା କରାଇବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଉକ୍ତ ଦିନ ସନ୍ଧ୍ୟା ୬ ଘଟିକାରେ ମ୍ୟୁନିସପାଲିଟି ଟାଉନହଲଠାରେ ସାଧାରଣସଭା, ପୁରସ୍କାର ବିତରଣ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ।

ଏହି ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଉପଜିଲ୍ଲାପାଳ ଅଶୋକ କୁମାର ଦାସ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରିଣୀ ଅନିତା ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁରମା ମହାପାତ୍ର, ଅଧ୍ୟକ୍ଷଣ ଯନ୍ତ୍ରୀ, ରାସ୍ତା ଓ କୋଠାବାଡି ରତିକାନ୍ତ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସତ୍ୟଭାମା ସେଠୀ, ଜିଲ୍ଲା ସମାଜ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ (ଜନସ୍ୱାସ୍ଥ୍ୟ) ଧୀରେନ୍ଦ୍ର କୁମାର ପାତ୍ର, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଧାପକ ରଞ୍ଜିତ କୁମାର ଦାସ, ତୁଳସୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବ୍ରହ୍ମାନନ୍ଦ ସେଠୀ, କେନ୍ଦ୍ରାପଡ଼ା ପୌରପରିଷଦ ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ପ୍ରମୁଖ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଆଲୋକ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଆୟୋଜିତ ପ୍ରସ୍ତୁତି ବୈଠକର ପ୍ରାରମ୍ଭରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ କାର୍ଯ୍ୟକ୍ରମର ବିବରଣୀ ପାଠ କରିବା ସହ ଶେଷରେ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିବ ଜୟନ୍ତୀ ଉତ୍ସବ ପାଳିତ

ଚଉଦକୁଲାଟ, ୧୫।୩(ସମିସ): ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ପ୍ରତିଷ୍ଠାନ ଚଉଦକୁଲାଟ ଶାଖା ଆନୁକୂଲ୍ୟରେ ୮୮ତମ ଶିବ ଜୟନ୍ତୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ଶାଖାର ବ୍ରହ୍ମକୁମାରୀ ଶଶିଭଉଣୀଙ୍କ ନେତୃତ୍ୱରେ ଆୟୋଜିତ ଉତ୍ସବରେ ଜଗନ୍ନାଥ ବିଦ୍ୟାପୀଠର ପ୍ରଧାନଶିକ୍ଷକ ରତିକାନ୍ତ ସେନାପତି ମୁଖ୍ୟଅତିଥି, ଚନ୍ଦନପୁର ପଞ୍ଚାୟତ ସରପଞ୍ଚ ରମାକାନ୍ତ ମଳିକ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମାଜରେ ଧର୍ମସ୍ଥାପନା ଉତ୍ତମବ୍ୟକ୍ତି ଗଠନରେ ବ୍ରହ୍ମକୁମାରୀ ଈଶ୍ୱରୀୟ ପ୍ରତିଷ୍ଠାନର ଅବଦାନ ଅତୁଳନୀୟ ବୋଲି ବର୍ଣ୍ଣନା କରିଥିଲେ । ବ୍ରହ୍ମକୁମାର ଅମର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବ୍ରହ୍ମକୁମାର ସର୍ବେଶ୍ୱର ପ୍ରତିଷ୍ଠାନର ମହତଉଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ । ପ୍ରତିଷ୍ଠାନର ଗଙ୍ଗାଧର, ସୁଷମା, ଦୀପକ ପ୍ରମୁଖ କାର୍ଯ୍ୟକ୍ରମର ସୁପରିଚାଳନା କରିଥିଲେ ।

## ଭୋଟର ସଚେତନତା ଶିବିର

କେନ୍ଦ୍ରାପଡ଼ା, ୧୫।୩(ସମିସ): ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ପରିସରରେ ନେହେରୁ ଯୁବ କେନ୍ଦ୍ର କେନ୍ଦ୍ରାପଡ଼ା, ଜାତୀୟ ସେବା ଯୋଜନା ଓ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟ ଏବଂ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଉତ୍କଳମଣି ଯୁବକ ସଂଘ ମିଳିତ ଉଦ୍ୟମରେ ଭୋଟର ସଚେତନତା ଓ ଭୋଟର ପଞ୍ଜୀକରଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନର ସଭାପତି ଗୌତମ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଦିଲ୍ଲୀପ କୁମାର ଭୂୟାଁ ମୁଖ୍ୟ ଅତିଥି, ଅଧ୍ୟାପିକା ରାଜନୀତି ବିଜ୍ଞାନ ଡ. ନିବେଦିତା ପ୍ରଧାନ, ରାଷ୍ଟ୍ରୀୟ ସେବା ଯୋଜନା ପ୍ରମୁଖ ଅଧ୍ୟାପକ ଅର୍ଥନୀତି ପ୍ରଦ୍ୟୁମ୍ନ ପ୍ରଧାନ ଅନ୍ୟତମ ଅତିଥି ଭାବେ ଯୋଗଦାନ କରିଥିଲେ । ଅତିଥିମାନେ କଲେଜ ଛାତ୍ରୀଛାତ୍ରମାନଙ୍କୁ ନିର୍ବାଚନରେ ଗୋଟିଏ ମତଦାନର ମୂଲ୍ୟ ରାଷ୍ଟ୍ର ଗଠନରେ କେତେ ମୂଲ୍ୟବାନ ସେ ନେଇ ସଚେତନ କରାଇଥିଲେ । ପରେ ଡ. ନିବେଦିତା ପ୍ରଧାନ ଛାତ୍ରୀଛାତ୍ରଙ୍କୁ ନିଜ ମୋବାଇଲ ମାଧ୍ୟମରେ ମତଦାତା ପଞ୍ଜୀକରଣ ଶିଖାଇଥିଲେ । ଅଧ୍ୟାପକ ସର୍ବେଶ୍ୱର ସାହୁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ମତଦାନ ସଂକଳ୍ପ ଉପରେ ସତ୍ୟପାଠ କରିବା ସହ ଜାତୀୟ ଯୁବ ସ୍ୱେଚ୍ଛାସେବୀ ଶ୍ରବଣ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବ ସମ୍ବାଦ ଭାରତ-୨୦୪୭ କାର୍ଯ୍ୟକ୍ରମ ଅନୁଷ୍ଠିତ

ଡେରାବିଶ, ୧୫।୩(ସମିସ): ଡେରାବିଶ ବ୍ଲକ ଗୁଆଳସିଂ ପଞ୍ଚାୟତ ଅନ୍ତର୍ଗତ କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟ ପରିସରରେ ଆଜି ଯୁବ ସମ୍ବାଦ ଭାରତ-୨୦୪୭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ମନ୍ତ୍ରଣାଳୟ ଆନୁକୂଲ୍ୟରେ ତଥା ରାଜ୍ୟ ଆଞ୍ଚଳିକ ନିର୍ଦ୍ଦେଶାଳୟ ଭୁବନେଶ୍ୱର ଅନୁମୋଦନକ୍ରମେ ମହାବିଦ୍ୟାଳୟ ଅଧ୍ୟକ୍ଷା ଆଦ୍ୟାରଶ୍ମି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍ ଡଃ କାଳୀପ୍ରସନ୍ନ ଶତପଥି ଯୋଗଦେଇ 'ପାଞ୍ଚ ପ୍ରାଣ ମହତ୍ୱ ଓ ବିକଶିତ ଭାରତ' ଉପରେ ବକ୍ତବ୍ୟ ରଖିଥିଲେ । ଜାତୀୟ ସେବାଯୋଜନାର ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଶିଶିରକାନ୍ତ ମହାପାତ୍ର ପଞ୍ଚପ୍ରାଣର ଶପଥପାଠ କରିଥିବା ବେଳେ ଅନ୍ୟତମ ଅତିଥି ଭାବେ ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରିଣୀ ଡଃ ପଦ୍ମଜା କବି ଶତପଥି ଯୋଗଦେଇ ଶିବିରାର୍ଥୀଙ୍କ ମଧ୍ୟର ରାଷ୍ଟ୍ର ଗଠନରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଅଧ୍ୟାପକ ଗୌତମ ଚରଣ ଜେନା ଓ ଅଧ୍ୟାପିକା ସ୍ମିତା ସୁଚରିତା ମହାନ୍ତିଙ୍କ ଦ୍ୱାରା ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ୧୫୦ରୁ ଊର୍ଦ୍ଧ୍ୱ ଶିବିରାର୍ଥୀଙ୍କ ମଧ୍ୟରେ ବିତର୍କ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ମୃତ୍ୟୁଞ୍ଜୟ ମହାନ୍ତି ପରିଚାଳନା କରିଥିବା ବେଳେ ଶେଷରେ କରିଲୋପାଟଣା ଡିଗ୍ରୀ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରିଣୀ ଅଧ୍ୟାପିକା ଶିଖା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଣ୍ଡି ଖାଲି; ତଳେ ବସୁଛନ୍ତି ପରିବା ବେପାରୀ



ପଞ୍ଚୁପାଣ୍ଡବ, ୧୫।୩(ସମିସ) :ଡେରାବିଶ ବ୍ଲକ ବେଣିପୁର ପଞ୍ଚାୟତ ସଦାନନ୍ଦପୁର ଗ୍ରାମରେ ଥିବା ହାଟ ପିଣ୍ଡିରେ ନବସି ତଳେ ବସୁଛନ୍ତି ପରିବା ବେପାରୀ । କିଛିମାସ ତଳେ ନିର୍ମାଣ ହୋଇଥିଲା ଏହି ହାଟ ପିଣ୍ଡି । ଏଥିପାଇଁ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ହାଟର ସମ୍ପୂର୍ଣ୍ଣ କାମ ହୋଇନଥିବାରୁ କେହି ଏହି ପିଣ୍ଡି ଉପରେ ବସୁ ନାହାଁନ୍ତି ବୋଲି ଜଣେ ପରିବା ବେପାରୀ କହିଛନ୍ତି । ହାଟ ପିଣ୍ଡିର କାମକୁ ଯଥାଶଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଗୃହ ବଣ୍ଟନକୁ ନେଇ ଅସନ୍ତୋଷ

କେନ୍ଦ୍ରାପଡ଼ା, ୧୫।୩(ସମିସ):



କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ପୁରୁଣା ବସଷ୍ଟାଣ୍ଡରେ ଏକ ଦୁଇମହଲା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସ ଗୃହ ବଣ୍ଟନକୁ ନେଇ ସବୁଆଡେ ଅସନ୍ତୋଷ ସୃଷ୍ଟି ହେଉଛି । ସେହି ମାର୍କେଟ କମ୍ପ୍ଲେକ୍ସରେ ସମୁଦାୟ ୧୩ଟି ଦୋକାନ ଘର ରହିଛି । ତେବେ ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ଗୃହ ବଣ୍ଟନ ନେଇ ପୌରପରିଷଦ ପକ୍ଷରୁ ଏକ ଜରୁରୀ ବୈଠକ ଡ଼କାଯାଇଥିଲା । ବୈଠକକୁ ନେଇ କାଉନ୍‌ସିଲଙ୍କର ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ମୋଟ ୨୧ଟି ୱାର୍ଡକୁ ନେଇ ଗଠିତ କେନ୍ଦ୍ରାପଡ଼ା ପୌରପରିଷଦର ଆଜିର ଏହି ଜରୁରୀ ବୈଠକରେ ପ୍ରଥମେ ମାତ୍ର ୩ଜଣ କାଉନସିଲର ଉପସ୍ଥିତ ଥିବାବେଳେ ପରେ ବହୁ ଖୋସାମତ କରାଯିବା ପରେ ଆଉ ୨ଜଣ କାଉନ୍‌ସିଲର ବୈଠକରେ ପହଞ୍ଚିଥିଲେ । ତଥାପି କାଉନ୍‌ସିଲ ବୈଠକ ପାଇଁ କୋରମ ନହେବାରୁ ବୈଠକରେ ଯୋଗଦେବାକୁ ପୁଣି କେତେକ କାଉନସିଲରଙ୍କୁ ବହୁ ନିବେଦନ କରାଯାଇଥିଲା ବୋଲି ସୂଚନା ମିଳିଛି । କିନ୍ତୁ କେତେଜଣ ନଆସିବାରୁ ବାଧ ହୋଇ ବୈଠକର ଉପସ୍ଥାନ ଖାତା ବୁଲାଇ କେତେକ କାଉନସିଲରଙ୍କଠାରୁ ସ୍ୱାକ୍ଷର ଅଣାଯାଇଥିବା ସୂଚନା ମିଳିଛି । ଆଜି ପୁରୁଣା ବସଷ୍ଟାଣ୍ଡରେ ନୂତନ ଭାବେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସର ଗୃହ ବଣ୍ଟନ ନିମନ୍ତେ ପୌର ପରିଷଦର ତିନି ଦିନିଆ ନୋଟିସ ଦିଆଯାଇ ଏକ ଜରୁରୀ ବୈଠକ ଡକାଯାଇଥିଲା । ସେହି ବୈଠକରେ ୯/୧୦ଜଣ କାଉନସିଲର ଉପସ୍ଥିତ ଥିଲେ ।

ବୈଠକର ନିଷ୍ପତ୍ତି ଅନୁଯାଇ ମାର୍କେଟ କମ୍ପ୍ଲେକ୍ସର ପ୍ରଥମ ମହଲା ଦୋକାନ ପାଇଁ ପୂର୍ବରୁ ସେଠାରେ ଦୋକାନ କରିଥିବା ପ୍ରତ୍ୟେକଙ୍କଠାରୁ ଏକଲକ୍ଷ ଟଙ୍କା ସୁରକ୍ଷା ଜମା ବାବଦ ରଖାଯାଇ ଦୋକାନ ଭଡା ଦିଆଯିବ । କିନ୍ତୁ ଉପର ମହଲାରେ ଥିବା ଦୋକାନ ଗୃହ ନିମନ୍ତେ ନିଲାମ ଡକାଯିବ । କେନ୍ଦ୍ରାପଡ଼ା ପୌରାଞ୍ଚଳ ଅଧିବାସୀ ହୋଇଥିବା ସର୍ବୋଚ୍ଚ ନିଲାମଧାରୀ ବ୍ୟକ୍ତିଙ୍କୁ ଉପର ମହଲାର ଦୋକାନ ଭଡା ଦିଆଯିବ ବୋଲି ନିଷ୍ପତ୍ତି ହୋଇଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏତଦବ୍ୟତିତ କେନ୍ଦ୍ରାପଡ଼ା ସରକାରୀ ହାଇସ୍କୁଲ ଛକରୁ ରଣପଡ଼ା ଛକ ମଧ୍ୟରେ ଥିବା ଜଳସେଚନ ବିଭାଗ ରାସ୍ତାର ମଝିରେ ହୋଇଥିବା ଡିଭାଇଡରକୁ ପୌରସଂସ୍ଥା ଜଳସେଚନ ବିଭାଗର ବିନା ଅନୁମତିରେ କରିଥିବା ଓ ଏଥିନିମନ୍ତେ ସାଢେ ୮ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି । ଏତଦବ୍ୟତିତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ୩୦ପ୍ରତିଶତ ପିସି ନିଆଯାଉଥିବା ମଧ୍ୟ ଅଭିଯୋଗ ହୋଇଛି । ଏନେଇ ଅଧିକାଂଶ କାଉନସିଲର ଏସବୁ କାର୍ଯ୍ୟକୁ ବିରୋଧ କରି ବୈଠକରେ ଯୋଗଦେଇନଥିବା ଅଭିଯୋଗ ହେଉଛି । ବୈଠକରେ ପ୍ରଥମେ ପୌରାଧ୍ୟକ୍ଷା ସରିତା ସାହୁ, କାଉନସିଲର ଉମେଶ ଚନ୍ଦ୍ର ନାୟକ, ସେକ ଅସଲମ, ସୁକୁମାର ଦାସ ପ୍ରଦୀପ୍ତ ଜେନା ପ୍ରମୁଖ ଉପସ୍ଥିତ ଥିବା ବେଳେ ପରେ ପୁଷ୍ପାଞ୍ଜଳୀ ବସ୍ତିଆ ଓ ରମେଶ ଦାସ ଯୋଗଦେଇଥିବା ସୂଚନା ମିଳିଛି ।

## ନସିପୁରରେ ତ୍ରିଦିନାତ୍ମକ ମନ୍ଦିର ପ୍ରତିଷ୍ଠା ଉତ୍ସବ

ପଟ୍ଟାମୁଣ୍ଡାଇ, ୧୫।୩(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ବଡ଼ମୂଳବସନ୍ତ ପଞ୍ଚାୟତ ନସିପୁର ଗ୍ରାମରେ ତ୍ରିଦିନାତ୍ମକ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମର ବିଭିନ୍ନ ଦିବସରେ ପୂର୍ବତନ ବିଧାୟକ କିଶୋର ତରାଇ, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ, ସମିତିସଭ୍ୟା ସ୍ମୃତିମୟୀ ମଲିକ, ବଡ଼ମୂଳବସନ୍ତ ସମବାୟ ସମିତି ସଭାପତି ସଞ୍ଜୟ ଲେଙ୍କା, ପ୍ରାଧାପକ ପ୍ରମୋଦ ସ୍ୱାଇଁ, ଆଡ଼ଭୋକେଟ ଭୀମସେନ ପ୍ରଧାନ, ଯୁବସମାଜସେବୀ ସଂଗ୍ରାମ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ ।



## ସୁଧ ନ ଦେଲେ ମାରିଦେବାକୁ ଧମକ; ଥାନାରେ ଏତଲା

**ରଘୁନାଥପୁର,୧୫।୩(ସମିସ):** ରଘୁନାଥପୁରରେ ସୁଧ ଟଙ୍କାକୁ କେନ୍ଦ୍ରକରି ଜୀବନରୁ ମାରିଦେବାକୁ ଧମକ ଦେବା ଘଟଣାରେ ଜନୈକ ଟଙ୍କା କରଜ ଲଗାଉଥିବା କାବୁଲିବାଲାଙ୍କ ନାମରେ ରଘୁନାଥପୁର ଥାନାରେ ମାମଲା ଆଲୋଚ୍ୟର ବିଷୟ ହୋଇଛି। ପ୍ରକାଶ ଥାଉକି, ରଘୁନାଥପୁର ଥାନା ଅନ୍ତର୍ଗତ କୋରକରା (ରଇପଡା) ଗ୍ରାମର ଅନାମ ସ୍ୱାଇଁଙ୍କ ପୁଅ ଶରତ ସ୍ୱାଇଁ କିଶନନଗର ଥାନା ଅନ୍ତର୍ଗତ କଲରାବାଙ୍କ ଗ୍ରାମର ଅଧର ଚନ୍ଦ୍ର କେଶଙ୍କ ପୁଅ ଅଭିନଚନ୍ଦ୍ର କେଶଙ୍କଠାରୁ ୫ହଜାର ଟଙ୍କା କରଜ ଆଣିଥିଲେ। କିଛିଦିନ ପରେ ଶରତ ସମସ୍ତ ଟଙ୍କା କରଜ ଲଗାଉଥିବା ଅଭିନଙ୍କୁ ଫେରସ୍ତ କରି ଦେଇଥିଲେ। କିନ୍ତୁ ସୁଧ ଟଙ୍କା ନଦେବାରୁ ଅଭିନ ଶରତକୁ ମାଗିଥିଲେ। ଶରତ ସମସ୍ତ ଟଙ୍କା ପୈଠ କରିଦେଇଛି ବୋଲି କହିଥିଲେ। ହେଲେ ସୁଧଟଙ୍କା ନଦେବାରୁ ଅଭିନ ଗାଳିଗୁଲଜ କରିବା ସହ ଗୁଣ୍ଡା ଲଗାଇ ଘରୁ ଉଠାଇ ଆଣି ମାରିଦେବାକୁ ଜୀବନରୁ ମାରିଦେଇ ଅଖାରେ ପୁରାଇ ମହାନଦୀରେ ଭସାଇ ଦେବାକୁ ଧମକ ଦେବା ନେଇ ଶରତ ରଘୁନାଥପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଗ୍ରହଣ କରି ରଘୁନାଥପୁର ଥାନା ଆଇଆଇସି ସୁଶାନ୍ତ କୁମାର ସେଠୀ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛନ୍ତି।

## କ୍ରିକ୍ ନିର୍ମାଣକୁ ବିରୋଧ କରି ପ୍ରତିବାଦ ସଭା

**ବାଲିକୁଦା,୧୫।୩(ସମିସ):** ବାଲିକୁଦା ବ୍ଲକ ଅଳକାବୁଡି ଅଞ୍ଚଳ କୃଷକ ସଂଗ୍ରାମ ସମିତି ପକ୍ଷରୁ ହଂସୁଆ ନଦୀରେ କ୍ରିକ୍ ନିର୍ମାଣକୁ ବିରୋଧ କରି ଏକ ପ୍ରତିବାଦ ସଭା ସଂଗଠନର ସଭାପତି ଧର୍ମାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଆର୍ତ୍ତତ୍ରାଣ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସ୍ଥାନୀୟ ବିଧାୟକ ହଂସୁଆ ନଦୀର ଗୋବିନ୍ଦପୁରଠାରେ ଥିବା ଜଳ ନିଷ୍କାସନ ପଥରେ କ୍ରିକ ନିର୍ମାଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଯେଉଁ ଯୋଜନା ରହିଛି ତାହାକୁ ଅନୁଷ୍ଠାନ ପକ୍ଷରୁ ଦୃଢ଼ ବିରୋଧ କରାଯିବ। କାରଣ ଏହି କ୍ରିକ୍ ନିର୍ମାଣ ହେଲେ ଅନେକ ଅଞ୍ଚଳ ବୁଡି ଅଞ୍ଚଳରେ ପରିଣତ ହେବା ସହ ଚାଷୀଙ୍କର ହେକ୍ଟର ହେକ୍ଟର ଜମିରେ ପାଣି ବୁଡି ରହି ବହୁତ କ୍ଷତି ସାଧନ ହେବ। ପୂର୍ବ ପ୍ରତିଶୃତି ମୁତାବକ ପ୍ରଥମେ ହଂସୁଆ ନଦୀର ଜଳକୁ ଅଳକା ନଦୀକୁ ପ୍ରବାହିତ କରିବା ପାଇଁ ବ୍ୟବସ୍ଥା ଗ୍ରହଣ ନକରି କ୍ରିକ ନିର୍ମାଣ ଏକ ଷଡଯନ୍ତ୍ର। ଯଦି ପ୍ରଶାସନ ପକ୍ଷରୁ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯାଇ କ୍ରିକ ନିର୍ମାଣ ହୁଏ ତେବେ ସଂଗଠନ ପକ୍ଷରୁ ଆନ୍ଦୋଳନ ଜୋରଦାର କରାଯିବା ସହ ଆଇନ ଗତ ଲଢେଇ ଜାରି ରହିବ ବୋଲି ନିଷ୍ପତ୍ତି ନେଇଥିଲେ। ସଂଗ୍ରାମ ସମିତିର ଦାବି ଅନୁଯାୟୀ ପ୍ରଶାସନ ପକ୍ଷରୁ ପ୍ରଥମେ ଗାରଡ଼ମଲ୍ଲ ଠାରେ ହଂସୁଆ ନଦୀର ଜଳକୁ ଅଳକା ନଦୀକୁ ପ୍ରବାହିତ କରିବା ବନ୍ଦ କରିବାକୁ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ଦାବି କରିଛନ୍ତି ସମ୍ପାଦକ କୃଷ୍ଣ ଚନ୍ଦ୍ର ଶତପଥୀ, ସଂଗଠନ ସମ୍ପାଦକ ମନ୍ମଥ ପରିଡା, କାର୍ଯ୍ୟକାରୀ ସଭାପତି ଅଧିକାରୀ ନଟବର ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ ଜେନା, ରମେଶ ପୃଷ୍ଟି, ଗଗନ ବିହାରୀ ଶତପଥୀ, ଉଲ୍ଲାସ ବିଶ୍ୱାଳ, ପ୍ରଶାନ୍ତ ପରିଡା, ଆଲୋକ ପରିଡା, ପୂର୍ଣ୍ଣଚନ୍ଦ୍ର ଶତପଥୀ, ପ୍ରକାଶ ପରିଡା, କୈଳାସ ସାହୁ, ରିତା ପରିଡା, ସିନ୍ଧୁ ପରିଡା, ସରୋଜିନୀ ଦାସ, ପ୍ରତିମା ମହାନ୍ତି, ନାରାୟଣ ଦାସଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

## ପୂର୍ବତନ ମନ୍ତ୍ରୀ ପ୍ରତାପ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ



**ତିର୍ତ୍ତୋଲ,୧୫।୩(ସମିସ):** ଓଡିଶାର ପୂର୍ବତନ ମନ୍ତ୍ରୀ ତଥା ତିର୍ତ୍ତୋଲର ପୂର୍ବତନ ବିଧାୟକ ସ୍ୱର୍ଗତ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ୩୨ତମ ଶ୍ରାଦ୍ଧବାର୍ଷିକୀ ତାଙ୍କ ଗାଁ କନକପୁର ଝଙ୍କଡ ଶାରଳାପୀଠଠାରେ ପ୍ରତାପ ଚନ୍ଦ୍ର ମହାନ୍ତି ସ୍ମୃତି ସଂସଦ ଆନୁକୂଲ୍ୟରେ ଶୁକ୍ରବାର ପାଳିତ ହୋଇଯାଇଛି। ସଂସଦର ସମ୍ପାଦକ ଆଇନଜୀବୀ ଅମରଜ୍ୟୋତି ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶ୍ରାଦ୍ଧୋତ୍ସବର ପ୍ରାରମ୍ଭରେ ସ୍ୱର୍ଗତ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ପୂର୍ବତନ ସରପଞ୍ଚ ବିଜୟନାୟକ, ସମାଜସେବୀ ଦେବ ମହାନ୍ତି, ଆଇନଜୀବୀ ମହେଶ ଚନ୍ଦ୍ର ମହାନ୍ତି, ସିଦ୍ଧାର୍ଥ ଶଙ୍କର ରାଉଳ, ବିଜୟ କୁମାର ରାଉତ, ଅକ୍ଷୟ କୁମାର ପରିଡା, ବରଦା ପ୍ରସାଦ ଲେଙ୍କା ଓ କାର୍ତ୍ତିକ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ମହାନ୍ତିଙ୍କ ରାଜନୈତିକ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ତୀର୍ଥ ଭ୍ରମଣ

**ତିର୍ତ୍ତୋଲ,୧୫।୩(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ତିରଣ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭ୍ୟସଭ୍ୟାମାନେ ଦଶମ ବାର୍ଷିକୀ ତୀର୍ଥଭ୍ରମଣ କାର୍ଯ୍ୟକ୍ରମରେ ଗଞ୍ଜାମର ତାରାତାରିଣୀ, ନାରାୟଣୀ, ଭଗବତୀ ଓ ପୁରୀ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଲାଭ କରିଥିଲେ। ପୁରୀ ଶ୍ରୀଜଗନ୍ନାଥ ଧାମଠାରେ ପରିକ୍ରମା ମାର୍ଗରେ ପରିଭ୍ରମଣ କରି ବହୁ ଆନନ୍ଦ ଅନୁଭବ କରିଥିଲେ। ଏହି ତୀର୍ଥ ଭ୍ରମଣ କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ଶରତ କୁମାର ତାରେଣିଆ, ସଭ୍ୟ ଦୁର୍ଯ୍ୟୋଧନ ଖୁଣ୍ଟିଆ, ନରେନ ଦାସ, ପ୍ରଭାକର ମୁଦୁଲି, ଶ୍ରତୁଘ୍ନ ସ୍ୱାଇଁ, ରବିନାରାୟଣ ପଣ୍ଡା, ସୁଶାନ୍ତ ବିଶ୍ୱାଳ, ବାସୁଦେବ ସ୍ୱାଇଁ, ଦେବେନ୍ଦ୍ର ପଣ୍ଡା, ନିମାଇଁ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ଝଙ୍କଡ଼ ଶାରଳାପୀଠରେ ଘଟ ପରମ୍ପରାର ଶୁଭାରମ୍ଭ | ବାହାରିଲେ ଘଣ୍ଟପାଟୁଆ; ବୁଲିବେ ଗାଁ ଗାଁ

ଜଗତସିଂହପୁର,୧୫।୩(ସମିସ)



ପବିତ୍ର ମୀନସଂକ୍ରାନ୍ତିଠାରୁ ପ୍ରସିଦ୍ଧ ଝଙ୍କଡ଼ ଶାରଳାପୀଠରେ ଦଶଘଟ ପରମ୍ପରାର ଶୁଭାରମ୍ଭ ହୋଇଛି। ଏହି ଉପଲକ୍ଷେ ଅପରାହ୍ନରେ, କନକପୁର ଦେଉଳି ଗ୍ରାମସ୍ଥିତ ବାବା କନକେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ମା' ବୃନ୍ଦାବତୀଙ୍କ ମଣ୍ଡପ ଉପରେ ଦଶଘଟ ପୂଜା ସରିବା ପରେ ୧୦ ଜଣ ସେବାୟତ ଏହି ଘଟଦଣ୍ଡଙ୍କୁ ମୁଣ୍ଡରେ ମୁଣ୍ଡାଇ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ସାରଳା ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ମା'ଙ୍କ ରତ୍ନସିଂହାସନ ସମ୍ମୁଖରେ ବଡ଼ପଣ୍ଡା ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପ୍ରଶାସନ ତରଫରୁ ଏହି ଦଶଘଟକୁ ମୁଖ୍ୟପୂଜକଙ୍କ ଦ୍ୱାରା ଶାଢ଼ୀ ଓ ଅଙ୍ଗବସ୍ତ୍ର ପ୍ରଦାନ କରାଯାଇଥିଲା। ତେବେ ଏହି ଦଶଘଟ ମନ୍ଦିର ବେଢ଼ା ପରିକ୍ରମା କରିବା ପରେ ନାଟ୍ୟମଣ୍ଡପ ସମ୍ମୁଖରେ ଘଟନୃତ୍ୟ ପରିବେଷଣ କରାଯାଇଥିଲା। ଆଜି ଠାରୁ ଏହି ଘଟଦଣ୍ଡଙ୍କୁ ନେଇ ମା'ଙ୍କ ସେବାୟତମାନେ ପୁରପଲ୍ଲୀରେ ପ୍ରଚଣ୍ଡ ରୌଦ୍ରତାପରେ ଘଟନୃତ୍ୟ ପ୍ରଦର୍ଶନ କରି ଦେବୀଶକ୍ତିର ଅଲୌକିକ ମହିମାର ପ୍ରଚାର ପ୍ରସାର ନିମନ୍ତେ ଯାତ୍ରା କରିଥାଆନ୍ତି। ଦୀର୍ଘ ଏକମାସ ପର୍ଯ୍ୟନ୍ତ ନିଷ୍ଠା କାଷ୍ଠା ରେ ଏହି ଘଟନୃତ୍ୟ କରିବା ପରେ , ଆସନ୍ତା ମହାବିଷୁବ ପଣା ସଂକ୍ରାନ୍ତି ଝାମୁଯାତ୍ରା ଦିନ ସେମାନଙ୍କୁ ଅଗ୍ନୀପରୀକ୍ଷା ଦେବାକୁ ପଡିଥାଏ। ମାଆଙ୍କ ପ୍ରାଚୀନ ପୀଠ ବଡ଼ଶାରୋଳ ଗ୍ରାମର ଲଣ୍ଡାଦେଉଳ ସ୍ଥିତ ଝାମୁଯାତ୍ରା ପଡ଼ିଆରେ ଏହି ମାତୃସେବକ ମାନେ ପ୍ରଜ୍ୱଳିତ ଅଗ୍ନୀକୁଣ୍ଡ ମଧ୍ୟରେ ଖାଲିପାଦରେ ନାଚିଥାଆନ୍ତି। ମାତୃଶକ୍ତି ର ଉପାସନା , ଆରାଧନା ଓ ମାଆଙ୍କୁ ସମ୍ମାନ ଦେବାର ବାର୍ତ୍ତା ଏହି ଘଟନୃତ୍ୟ ମାଧ୍ୟମରେ ପ୍ରଦାନ କରାଯିବାର ପରମ୍ପରା କେଉଁ ଆବାହମାନ କାଳରୁ ପ୍ରଚଳିତ ହୋଇ ଆସୁଛି।

## ନବୀନ ନିବାସରେ କୁଜଙ୍ଗର ମୁରବି ଓ ବୁଦ୍ଧିଜୀବୀ | ଏନ୍‌ଏସି ଘୋଷଣା ପାଇଁ ଜଣାଇଲେ କୃତଜ୍ଞତା



**କୁଜଙ୍ଗ,୧୫।୩(ସମିସ):** କୁଜଙ୍ଗବାସୀଙ୍କ ଦାବି ପୂରଣ ସହ କୁଜଙ୍ଗକୁ ଏନ୍‌ଏସି ଘୋଷଣା କରାଯାଇଥିବାରୁ କୁଜଙ୍ଗର ବହୁ ମୁରବି, ଗଣ ସଂଗଠକ ଓ ବୁଦ୍ଧିଜୀବୀ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ଜଣାଇଥିଲେ। କୁଜଙ୍ଗ ସଚେନତା ମଞ୍ଚର ଅବାହକ ତଥା ପ୍ରେସ୍ କ୍ଲବ ସଭାପତି ରଘୁନାଥ ସାହୁଙ୍କ ନେତୃତ୍ୱରେ କୁଜଙ୍ଗରୁ ଶତାଧିକ ମହିଳା-ପରୁଷ ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ '୫-ଟି' ଅଧକ୍ଷ୍ୟ ଭିକେ ପାଣ୍ଡିଆନ୍‌ଙ୍କୁ ଭେଟି ପୁଷ୍ପଗୁଚ୍ଛ ଦେବା ଧନ୍ୟବାଦ ଜଣାଇଛନ୍ତି। କୁଜଙ୍ଗବାସୀଙ୍କ ଏହି ଗସ୍ତ ଅବସରରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ମଧ ଉପସ୍ଥିତ ଥିଲେ। ନବୀନ ନିବାସକୁ ଏହି ଗସ୍ତରରେ କୁଜଙ୍ଗ ବ୍ଲକ ଅଧକ୍ଷା ନିନାରାଣୀ ସାହୁ, ଉପାଧକ୍ଷ ଜ୍ଞାନଜିତ୍ ସ୍ୱାଇଁ, ଜିଲ୍ଲାପରିଷଦ ପୁଷ୍ପଲତା ବେହେରା, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, କୁଜଙ୍ଗ ଓକିଲ ସଂଘ ସଭାପତି ସତ୍ୟାନନ୍ଦ ବିଶ୍ୱାଳ, ସମ୍ପାଦକ ଦାମୋଦର ସ୍ୱାଇଁ, ଛାତ୍ରନେତା ରାମଦାସ ମହାନ୍ତି, ଅଲେଖ ରାଉତ, ସାମ୍ବାଦିକ ଦୁଷ୍ମନ୍ତ ମାଝୀ, ରଞ୍ଜିତ ପଣ୍ଡା, ବଚିତ୍ରାନନ୍ଦ ପ୍ରଧାନ, ସମାଜସେବୀ ସୁଜଳ ସ୍ୱାଇଁ, ପ୍ରାକ୍ତନ ବ୍ଲକ ଅଧକ୍ଷ ନରେନ୍ଦ୍ର ପରିଡା, ଅରୂପ ପ୍ରସାଦେ ମହାନ୍ତି, ସୌଭାଗ୍ୟ ବିଶ୍ୱାଳ, ଅବନ୍ତୀ ମାଝୀ, କବି ପୀତାମ୍ବର ତରାଇ, ପ୍ରଫୁଲ୍ଲ ପରିଡା ଓ ଅରୁଣ ବେହେରା ପ୍ରମୁଖଙ୍କ ସହ ବହୁ ବ୍ୟବସାୟୀ ସଂଗଠକ ଓ ନେତା ମାନେ ମଧ ସାମିଲି ଥିଲେ।

## ତିର୍ତ୍ତୋଲରେ ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ

**ତିର୍ତ୍ତୋଲ,୧୫।୩(ସମିସ):** ତିର୍ତ୍ତୋଲସ୍ଥିତ ଆନନ୍ଦମଣ୍ଡପ ପରିସରରେ ବିଶ୍ୱ ଖାଉଟି ଅଧିକାର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଉପଭୋକ୍ତା ଆନ୍ଦୋଳନର କର୍ଣ୍ଣଧାର ସ୍ୱର୍ଗତ ବଂଶୀଧର ଆଚାର୍ଯ୍ୟଙ୍କ ମାର୍ଗଦର୍ଶନରେ ଅନୁପ୍ରାଣୀତ ତଥା ଅଖିଳ ଭାରତ ଖାଉଟି କଲ୍ୟାଣ ପରିଷଦ ମହିଳା ଶାଖାର ସଭାପତି ସ୍ନେହମୟୀ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜଗତସିଂହପୁର ଜିଲ୍ଲା ଡିସିଡିଆର୍‌ସି ପ୍ରଭାତ କୁମାର ପାଢୀ, ସମ୍ମାନିତ ଅତିଥି ବିଭାଗୀୟ ସଭ୍ୟ ମଧୁସ୍ମିତା ସ୍ୱାଇଁ, ବରିଷ୍ଠ ଆଇନଜୀବୀ ରଞ୍ଜିତ ମହାନ୍ତି, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ଖାଉଟିମାନଙ୍କ ଅଧିକାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ




ଅତିଥି ଆଇନଜୀବୀ ଓମ୍‌ପ୍ରକାଶ ଦାସ, ସରୋଜ ପାଣିଗ୍ରାହୀ, ଟୁକନ ଚରଣ ସେଠୀ, ତିର୍ତ୍ତୋଲ ବ୍ଲକ ଆମ୍ବ ଅଧକ୍ଷ ଦେବେନ୍ଦ୍ର କୁମାର ମଲ୍ଲିକ, ସାମ୍ବାଦିକ ସରୋଜ କୁମାର ସାହୁ, ଶରତ ଦାଶ, ସମାଜସେବୀ ଦେବ ମହାନ୍ତି, ବିରଜା ପ୍ରସନ୍ନ ପରିଜା, ଯଶୋବନ୍ତ ରାଉତ, ବିବେକାନନ୍ଦ ହୋତା, ବ୍ୟାସ ଫାଉଣ୍ଡେସନର ସଭାପତି ସିଦ୍ଦେଶ୍ୱର ପଣ୍ଡା, ଉପସଭାପତି ରଶ୍ମିତା ନାୟକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସାରଳା ସଂସ୍କୃତି ଗବେଷକ ରମାକାନ୍ତ ରାଉଳ ଧନ୍ୟବାଦ ଦେଇଥିଲେ।

## ବିଧାୟକଙ୍କ ଦ୍ୱାରା ୪ ପ୍ରକଳ୍ପର ଶିଳାନ୍ୟାସ



**ବାଲିକୁଦା,୧୫।୩(ସମିସ):** ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ଆଜି ବାଲିକୁଦା ଏରସମା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ରଘୁନନ୍ଦନ ଦାସ ୪ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ବାଲିକୁଦା ଜଳସମ୍ପଦ କାର୍ଯ୍ୟାଳୟ ଅଧିନ ଇଚ୍ଛାପୁର ୧୩ଖ କେନାଲ ବନ୍ଧ, ବାଲିକୁଦା ୧୪ନଂ କେନାଲ ବନ୍ଧ,ଆମ୍ବଶାଳ ୧୫ଖ କେନାଲ ବନ୍ଧ ଓ ହରିପା-ମଲ୍ଲିକଣ ନଦୀବନ୍ଧ ରାସ୍ତାର ନିର୍ମାଣ ପାଇଁ ଭିତ୍ତିପ୍ରସ୍ଥର ସ୍ଥାପନ କରିଥିଲେ। ବିଧାୟକଙ୍କ ସହ ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଜିଲ୍ଲାପରିଷଦ ଜଟାଧାରୀ ଦାସ, କଟକ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ସରୋଜ କୁମାର ମହାପାତ୍ର, ଜଳସମ୍ପଦ ବିଭାଗ ଏସ୍‌ଡ଼ିଓ ସିଦ୍ଧାର୍ଥ ପ୍ରିୟ ରଞ୍ଜନ ଜେନା, ଯନ୍ତ୍ରୀ ଅନୀଲ ରାଉତରାୟ, କନିଷ୍ଠ ଯନ୍ତ୍ରୀ ଟୁନିଲତା ବିଶ୍ୱାଳ, ସୁଚିସ୍ମିତା ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପଞ୍ଚାନନ ପରିଡା, ନରୋତ୍ତମ ରାଉତ, ସନ୍ତୋଷ ପଣ୍ଡା, ନିରଞ୍ଜନ ବଶ୍ୱାଳ, ଧିଳନ ରାଉତ, ମିଳନ ସାହୁ, ପ୍ରବୀର ଭଟ୍ଟ, ବିପିନ ବିଶ୍ୱାଳ, ଅଜୟ ବିଶ୍ୱାଳ, ରବୀନ୍ଦ୍ର ଦାସ, କ୍ଷୀରୋଦ ବାରିକ, ଗୁଣନିଧି ସ୍ୱାଇଁ, ଉତ୍କଳ ବିଶ୍ୱାଳ, ଅଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ୪୨ ଲିଟର ବିଦେଶୀ ମଦ ଜବତ, ଜଣେ ଗିରଫ

**କୁଜଙ୍ଗ,୧୫।୩(ସମିସ):** କୁଜଙ୍ଗ ପୁଲିସ ବାଲିତୁଠ ରାସ୍ତାରୁ ଜଣେ ଚୋରାମଦ ବ୍ୟବସାୟୀଙ୍କୁ ଧରିବା ସହ ତାଙ୍କଠାରୁ ୪୨ ଲିଟର ବିଦେଶୀ ମଦ ଜବତ କରିଛି। ଏହି ମଦ ବ୍ୟବସାୟୀ ହେଉଛନ୍ତି ତିର୍ତ୍ତୋଲ ଥାନା ଅଞ୍ଚଳ ଅଲଣାର କାହ୍ନା ଓରଫ ତୀର୍ଥ ସ୍ୱାଇଁ। କୁଜଙ୍ଗର ଏକ ମଦ ଦୋକାନରୁ ଏତେ ଗୁଡିଏ ମଦ ଏକ ବାଇକ୍‌ରେ ନେଇ ବାଲିତୁଠ, ଏରସମା ଅଞ୍ଚଳକୁ ଯାଉଥିବା ବେଳେ କୁଜଙ୍ଗ ପୁଲିସର ଏକ ଟିମ୍ ତାଙ୍କୁ ମାଡି ବସିଥିଲା।

## ୪ଦଫା ଦାବି ନେଇ ସାମ୍ବାଦିକଙ୍କ ଦାବିପତ୍ର

**ରଘୁନାଥପୁର,୧୫।୩(ସମିସ):** ସାମ୍ବାଦିକମାନଙ୍କ ୪ଦଫା ଦାବି ପୁରଣ ନେଇ ରଘୁନାଥପୁର ଅଞ୍ଚଳର ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷାବିତ, ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ଓ ଜନ ସାଧାରଣ ମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡିଓ ନମିତା ବାରିକଙ୍କୁ ପ୍ରଦାନ କରିଛନ୍ତି। ରଘୁନାଥପୁର ବଜାରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟରେ ସମସ୍ତେ ଏକାଠି ହୋଇ ମାଲ୍ୟାର୍ପଣ କରିବା ସହ ତୁରନ୍ତ ଦାବି ପୁରଣ ପାଇଁ ସରକାର ଦୃଷ୍ଟି ଦେବାକୁ ଦାବି କରିଥିଲେ। ବରିଷ୍ଠ ଶିକ୍ଷାବିତ ପ୍ରାଣକୃଷ୍ଣ ନାୟକ, ଦୁର୍ନୀତି ବିରୋଧୀର ଉପଦେଷ୍ଟା ସାମାଜିକକର୍ମୀ ଗୋବୋନ୍ଦ ଓଝା, ଚାଷୀ ନେତା ଦେବୀପ୍ରସାଦ ମହାରଣା, ସୁବାସ ଜେନା, ଅଶୋକ ମହାରଣା, ଗ୍ୟାନେନ୍ଦ୍ର ସ୍ୱାଇଁ, ସେହାଂଶୁ ଜେନା, ବିନୋଦ ବିହାରୀ ମହାନ୍ତି, ଚନ୍ଦ୍ରଶେଖର ସିଂହ, ନିଶିକାନ୍ତ ନାୟକ, ପ୍ରଭଞ୍ଜନ ମଲ୍ଲିକ, ରାଜେଶ ସ୍ୱାଇଁ, ସମାଜ ବିକାଶ ମିଶନର ସଂପାଦକ ସରିତ ମହାପାତ୍ର, ଯୁବ ଆଇନଜୀବୀ ଶକ୍ତିଧର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ବିପ୍ଳବିନୀ ମାଳତୀ ଚୌଧୁରୀଙ୍କ ଶ୍ରାଦ୍ଧବାର୍ଷିକ ପାଳିତ



**ଜଗତସିଂହପୁର,୧୫।୩(ସମିସ):** ମହିୟସୀ ନାରୀନେତ୍ରୀ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସହଧର୍ମିଣୀ ମାଳତୀ ଚୌଧୁରୀଙ୍କ ୨୬ ତମ ଶ୍ରାଦ୍ଧବାର୍ଷିକ ଜଗତସିଂହପୁର ସାରସ୍ୱତ ପାରିଷଦ ଓ ପ୍ରଫୁଲ୍ଲ ପାଠାଗାର ମିଳିତ ଆନୁକୂଲ୍ୟରେ ପାଠାଗାର ପରିସରରେ ପାଳିତ ହୋଇଯାଇଛି। ପାରିଷଦର ସଭାପତି ଅବସରପ୍ରାପ୍ତ ଅଧାପକ ହିମାଂଶୁ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରବୀନ୍ଦ୍ର ନାଥ ତ୍ରିପାଠୀ ଯୋଗଦେଇ ସ୍ୱର୍ଗତ ମାଳତୀ ଚୌଧୁରି ତ୍ୟାଗ ଓ ସେବାର ପ୍ରତୀକ ଥିଲେ ବୋଲି କହିବା ସହିତ ତାଙ୍କ ତ୍ୟାଗପୂତ ଜୀବନ ଉତ୍ତରପିଢି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତ ଦେଇଥିଲେ। ମୁଖ୍ୟବକ୍ତା ପାଠାଗାରର ପୂର୍ବତନ ସଭାପତି ବଂଶୀଧର ଆଚାର୍ଯ୍ୟ ତାଙ୍କ ବକ୍ତ୍ୟବରେ ଜଣେ ବିପ୍ଳବିଣୀ ଭାବେ ମାଳତୀ ଚୌଧୁରୀ ଅସହଯୋଗ ଆନ୍ଦୋଳନ, ଲବଣସତ୍ୟାଗ୍ରହ ଓ ଭାରତ ଛାଡ ଆନ୍ଦୋଳନରେ ସାମିଲ ହୋଇ କାରାବରଣ କରି ନିଜର ସ୍ୱଦେଶ ପ୍ରେମର ପ୍ରମାଣ ଦେଇଥିଲେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ଦାସ, କବୟିତ୍ରୀ ବିଜୟଲକ୍ଷ୍ମୀ ଆଚାର୍ଯ୍ୟ, ରମାକାନ୍ତ ସାମନ୍ତରାୟ ଓ ସତ୍ୟବାଦି ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସୁସଂଗଠିକା, କୃତି ଶିକ୍ଷୟିତ୍ରୀ ତଥା ସୁସାହିତ୍ୟିକା ତିଲୋତ୍ତମା ଦାଶଙ୍କୁ ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ଚଳିତ ବର୍ଷ ପାଇଁ ମାଳତୀ ଚୌଧୁରୀ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପାଠାଗାରର ସମ୍ପାଦକ ସୁରେନ୍ଦ୍ର ରାୟ ଧନ୍ୟବାଦ ଦେଇଥିଲେ।

## ବାଲିକୁଦାକୁ ଏନ୍‌ଏସି ମାନ୍ୟତା ଦାବିରେ ବନ୍ଦ ଓ ବିକ୍ଷୋଭ

ବାଲିକୁଦା,୧୫।୩(ସମିସ)




ବାଲିକୁଦାକୁ ଏନ୍‌ଏସି ମାନ୍ୟତା ଦେବାକୁ ୨୦୧୦ ମସିହାଠାରୁ ବାରମ୍ବାର ଦାବି ହୋଇ ଆସୁଥିଲେ ସୁଦ୍ଧା କୌଣସି ସୁଫଳ ନ ମିଳିବାରୁ ଆଜି ରାଜରାସ୍ତାକୁ ଓହ୍ଲାଇ ଗର୍ଜନ କରିଛି ବାଲିକୁଦା ଜନ ସଚେତନ ମହାମଞ୍ଚ। ଆଗକୁ ଏହା ବାଲିକୁଦାରୁ ଭୁବନେଶ୍ୱର ପହଞ୍ଚିବ ବୋଲି ଚେତାବନୀ ଦେଇଛନ୍ତି ବାଲିକୁଦା ସରପଞ୍ଚ ରାଜକିଶୋର ସାହୁ, ଅଢ଼ଙ୍ଗା ସରପଞ୍ଚ ସୁବ୍ରତ ମହାନ୍ତି, ଅଳାଭର ସରପଞ୍ଚ ପ୍ରତିନିଧି ବିଭୁତି ଭୂଷଣ ସ୍ୱାଇଁ, ନାଗପୁର ସରପଞ୍ଚ ପ୍ରତିନିଧି ଯୁଧିଷ୍ଠିର ପରିଡା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ମହାନ୍ତି, ବାଲିକୁଦା ପୂର୍ବତନ ସରପଞ୍ଚ ହେମନ୍ତ ସାହୁଙ୍କ ସମେତ ଅନୁଷ୍ଠାନର କର୍ମକର୍ତ୍ତା। ଆଜି ଭୋର ୬ଠାରୁ ସନ୍ଧ୍ୟା ୬ ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଦେଇଥିବା ବାଲିକୁଦା ଜନ ସଚେତନ ମହାମଞ୍ଚ ଡାକରାରେ ଶତାଧିକ ଲୋକେ ଏହି ଆନ୍ଦୋଳନକୁ ସମର୍ଥନ କରି ଉପସ୍ଥିତ ରହି ଦାବି ପୂରଣ କରିବା ପାଇଁ ନାରା ଦେଇଥିଲେ। ଯାହାକୁ ସମର୍ଥନ କରି ଈଶ୍ୱରପୁର ଛକଠାରୁ ଇଚ୍ଛାପୁର ଛକ ପର୍ଯ୍ୟନ୍ତ ସମସ୍ତ ବ୍ୟବସାୟିକ ଅନୁଷ୍ଠାନ ବନ୍ଦ ରହିଥିବା ବେଳେ କେବଳ ଅତ୍ୟାବଶ୍ୟକୀୟ ବ୍ୟବସାୟ ପ୍ରତିଷ୍ଠାନ ଖୋଲା ରହିଥିଲା। ଏପରିକି ଯୁକ୍ତ ଦୁଇ ପରୀକ୍ଷାର୍ଥୀ ମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ଯିବାରେ ଯେଭଳି କୌଣସି ଅସୁବିଧା ନହୁଏ ସେଥିପ୍ରତି ଗୁରୁତ୍ୱ ଦେଇଥିଲା ଅନୁଷ୍ଠାନ।

ସୂଚନା ଅନୁଯାୟୀ ପୂର୍ବରୁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ସମେତ ବିଭିନ୍ନ କ୍ଷେତ୍ରରେ ଏହି ଦାବି କରାଯାଇଥିଲେ ସୁଦ୍ଧା ରାଜ୍ୟ ସରକାର ଅନ୍ୟ ସ୍ଥାନକୁ ମାନ୍ୟତା ପ୍ରଦାନ କରିଥିବା ବେଳେ ସମସ୍ତ ସୁବିଧା ସୁଯୋଗ ଥାଇ ସୁଦ୍ଧା ବାଲିକୁଦା ବଞ୍ଚିତ ହେବା ଅଞ୍ଚଳବାସୀଙ୍କ କ୍ଷୋଭର କାରଣ ପାଲଟିଛି। ଆନ୍ଦୋଳନରେ ସୁଶାନ୍ତ ଦାସ, ହେମନ୍ତ ମହାନ୍ତି, ଅନିରୁଦ୍ଧ ରଥ, ଶ୍ରୀକାନ୍ତ ଦାସ, ଉଦୟ ବିଶ୍ୱାଳ, ବବୁଲ କାଣ୍ଡି, କାର୍ତ୍ତିକ ଗୋଚ୍ଛାୟତ, ମିଳନ ମହାରଣା, ଚିନ୍ମୟ ବିଶ୍ୱାଳ, ଦୀପକ ବିଶ୍ୱାଳ, ରମେଶ ପରିଡା, ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କ ସମେତ ଶତାଧିକ ସଦସ୍ୟ ଆନ୍ଦୋଳନରେ ଯୋଗ ଦେଇଥିଲେ।

## ଗୋବିନ୍ଦଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ସମ୍ବର୍ଦ୍ଧନା ସଭା

**କୁଜଙ୍ଗ,୧୫।୩(ସମିସ):** କୁଜଙ୍ଗ ବ୍ଲକ ଅଧିନ ନୁଆଗଡ ସ୍ଥିତ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟର କର୍ମଚାରୀ ଭାଗବତ ମଲିକଙ୍କୁ ତାଙ୍କ ନିରନ୍ତର ସେବା, ଉତ୍ସର୍ଗୀକୃତ ଭାବନା ଓ ନିଷ୍ଠା ପାଇଁ ଭବ୍ୟ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷକ ତଥା ଶିକ୍ଷକ ସଂଘର ରାଜ୍ୟ ନେତା ପ୍ରଶାନ୍ତ କୁମାର ମହାପାତ୍ରଙ୍କ ପୌରହିତ୍ୟରେ ହୋଇଥିବା ସଭାରେ କୁଜଙ୍ଗ ବ୍ଲକ ଅଧକ୍ଷା ନିନାରାଣୀ ସାହୁ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ରୂପେ ସାଂସଦଙ୍କ ପ୍ରତିନିଧି ତଥା ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁଜଳ କୁମାର ସ୍ୱାଇଁ ସମ୍ବର୍ଦ୍ଧନା ଜଣାଇବା ସହ ଏହି ସ୍କୁଲର ସଂସ୍କାର, ଶିକ୍ଷକ ମାନଙ୍କ ନିଷ୍ଠାକୁ ପ୍ରଶଂଶ କରିବା ସହ ବିଦ୍ୟାଳୟର ଉନ୍ନତି ପାଇଁ ଫାଟକ, ରୋଷ ଘର ଅନ୍ୟାନ କାର୍ଯ୍ୟ ପୁରଣ ପାଇଁ ପ୍ରତିସୃତି ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକ ଉପାଧକ୍ଷ ଜ୍ଞାନଜିତ୍ ସ୍ୱାଇଁ, ଶିକ୍ଷକନେତା ଦିଲୀପ କୁମାର ସ୍ୱାଇଁ, ନୁଆଗଡ ସରପଞ୍ଚ ଦେବେନ୍ଦ୍ର ରାଉତ, ଅରୁଣ କୁମାର ବେହେରା, ୟୁପିସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଝରଣା ତ୍ରିପାଠୀ, ସମାଜସେବୀ ଇନ୍ଦ୍ରମଣୀ ରାଉତ, ମୋ ସ୍କୁଲ ଅଭିଯାନ ସଭାପତି ଧିରେନ୍ କୁମାର ସେଠୀ,ପରିଚାଳନା କମିଟି ସଭାପତି ଧନେଶ୍ୱର ଖଟୁଆ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଧକ୍ଷ ସୁଦର୍ଶନ ବାବୁ, ଅକ୍ଷୟ କୁମାର ନାୟକ, ନିର୍ମଳା କୁମାରୀ ସାହୁ ପ୍ରମୁଖ ବହୁ ଶିକ୍ଷାବିତ୍, ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସମାଜସେବୀ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଶିକ୍ଷକ କୈଳାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଟୁନିଲତା ସ୍ୱାଇଁ ସ୍ୱରଚିତ କବିତା ପାଠ କରିଥିବା ବେଳେ ଲୋକନାଥ ଜେନା ଧନ୍ୟବାଦ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ଦାସ, ପ୍ରଶାନ୍ତ ମିଶ୍ର, ଦ୍ରୌପଦୀ ସ୍ୱାଇଁ, ସବିତା କୁମାରୀ ସ୍ୱାଇଁ, ବିବେକାନନ୍ଦ ବେହେରା, ବିଚିତ୍ର କୁମାର ମହାପାତ୍ର ଓ ସୁକାନ୍ତ କୁମାର ସାହୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।



ସକାଳ THE SAKALA



# ରେଳ ଯୋଗେ କୋଇଲା ଚାଲାଣ ବନ୍ଦ ଆନ୍ଦୋଳନ ସ୍ଥଗିତ



**ତାଳଚେର, ୧୫ ।୩(ସମିସ):** ତାଳଚେର ରେଳ ୟୁଜର୍ସ କମିଟି ପକ୍ଷରୁ ମାର୍ଚ୍ଚ ୧୫ରେ ହେବାକୁ ଥିବା ରେଳ ଯୋଗେ କୋଇଲା ଚାଲାଣ ବନ୍ଦ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି ବୋଲି କମିଟି ପକ୍ଷରୁ ଲିଖିତ ଭାବେ କେନ୍ଦ୍ର ରେଳମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତାଳଚେର ରେଳ ଷ୍ଟେସନ୍ ଠାରେ ଏଆରଏମଙ୍କୁ ଜଣାଇ ଦିଆଯାଇଛି। ସୂଚନାଯୋଗ୍ୟ, ୯ ଦଫା ଦାବି ପୂରଣ ପାଇଁ ମାର୍ଚ୍ଚ ୧୫ ତାରିଖ ଦିନ ରେଳ ୟୁଜର୍ସ କମିଟି ପକ୍ଷରୁ ବନ୍ଦ ଡାକରା ଦିଆଯାଇଥିଲା। ଏହି ଦିନ ରେଳ ଯୋଗେ କୋଇଲା ଚାଲାଣ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ଆନ୍ଦୋଳନ କରାଯିବା ପାଇଁ ଗତ ଗତ ୨୩ ତାରିଖରେ କେନ୍ଦ୍ର ରେଳମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ଆନ୍ଦୋଳନକୁ ଆସନ୍ତା ଦୁଇ ମାସ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ବୋଲି ରେଳ ୟୁଜର୍ସ କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

# କଳାବ୍ୟାଜ୍ ପିନ୍ଧି ସାମ୍ବାଦିକଙ୍କ ନିରବ ପ୍ରତିବାଦ




ତାଳଚେର, ୧୫ ।୩(ସମିସ):ଉତ୍କଳ ସାମ୍ବାଦିକ ସଂଘ ଅନୁଗୋଳ ଜିଲ୍ଲା ଶାଖା ପକ୍ଷରୁ ଆଜି ଜିଲ୍ଲାର ବିଭିନ୍ନ ବ୍ଲକରେ କାର୍ଯ୍ୟରତ ସାମ୍ବାଦିକମାନେ କଳାବ୍ୟାଜ୍ ପିନ୍ଧି ନୀରବ ପ୍ରତିବାଦ କରିଛନ୍ତି। ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୁତି ଭୂଷଣ କରଙ୍କ ଆହ୍ୱାନ କ୍ରମେ ସାମ୍ବାଦିକମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ସାମ୍ବାଦିକଙ୍କୁ ପେନସନ୍, ବୀମାରେ ପିତାମାତା ଏବଂ ୨୫ ବର୍ଷର ସନ୍ତାନମାନଙ୍କୁ ଅନ୍ତର୍ଭୁକ୍ତ କରିବା ଓ ସାମ୍ବାଦିକ ସୁରକ୍ଷା ଆଇନ୍ ଲାଗୁ କରାଯିବାକୁ ଦାବି କରାଯାଇଛି। ତାଳଚେର ଉପଜିଲ୍ଲାପାଳଙ୍କ ଅଫିସରେ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସାଧାରଣ ସଂପାଦକ ରଶ୍ମୀରଞ୍ଜନ ମିଶ୍ର, ବରିଷ୍ଠ ସାମ୍ବାଦିକ ଦେବୀ ମିଶ୍ରଙ୍କ ସମେତ ସଂଘର କର୍ମକର୍ତ୍ତାମାନେ ସାମିଲ୍ ଥିଲେ।

# ଶବ ସଂରକ୍ଷଣ ଭ୍ରାମ୍ୟମାଣ ଫ୍ରିଜର ପ୍ରଦାନ



ଅନୁଗୋଳ, ୧୫ ।୩(ସମିସ): ଆଜି ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶବ ସଂରକ୍ଷଣ ଭ୍ରାମ୍ୟମାଣ ଫ୍ରିଜର ପ୍ରଦାନ ସମାରୋହ ଆୟୋଜିତ ହୋଇଥିଲା। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏହି ସମାରୋହକୁ ଉଦଘାଟନ କରିଥିଲେ। ବିଧାୟକ ଶ୍ରୀ ପ୍ରଧାନଙ୍କ ସୌଜନ୍ୟରୁ ଚାରିଗୋଟି ଫ୍ରିଜର ପ୍ରଦାନ କରାଯାଇଥିଲା। ଚାରୋଟି ଫ୍ରିଜର ମଧ୍ୟରୁ ଗୋଟିଏ ଅନୁଗୋଳ ଚିକିତ୍ସାଳୟ, ଗୋଟିଏ ତାଳଚେର ମାରୱାଡ଼ି ଧର୍ମଶାଳା, ବିଧାୟକଙ୍କ କ୍ୟାମ୍ପ ଏବଂ ପାଲଲହଡ଼ା ଡାକ୍ତରଖାନାକୁ ଦିଆଯିବ। ଏ ଅବସରରେ ବିଧାୟକ ଶ୍ରୀପ୍ରଧାନ କହିଥିଲେ କି, ଅନୁଗୋଳ ଜିଲ୍ଲାରେ ପ୍ରଥମ ଥର ପାଇଁ ଏଭଳି ଫ୍ରିଜର ବ୍ୟବସ୍ଥା କରାଯାଇଛି। ସାଧାରଣ ମୃତ୍ୟୁ କ୍ଷେତ୍ରରେ ପରିବାର ଲୋକେ ଦୂରରେ ଥିଲେ ଏହି ବ୍ୟବସ୍ଥାରେ ଫ୍ରିଜର ବ୍ୟକ୍ତି ବିଶେଷଙ୍କୁ ନିଃଶୁଳ୍କ ଯୋଗାଇ ଦିଆଯିବ, ଯାହା ଫଳରେ ଶବ ସଂରକ୍ଷଣ ପାଇଁ ଆଉ ଡାକ୍ତରଖାନା ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଏହି ସମାରୋହରେ ଭାରପ୍ରାପ୍ତ ସିଡିଏମଓ ଡ଼ା ବିଶ୍ୱବିହାରୀ ମହାନ୍ତି, ମ୍ୟାଲେରିଆ ଅଧିକାରୀ ଡ଼ା ପୂର୍ଣ୍ଣିମା ଉଦଗାତା, ବସଲା ସରପଞ୍ଚ ଚନ୍ଦନ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଅଷ୍ଟପ୍ରହର ନାମଯଜ୍ଞ



**କିଶୋରନଗର, ୧୫ ।୩(ସମିସ):** କିଶୋରନଗର ବ୍ଲକ ଜଏରାଟ ପଞ୍ଚାୟତର କରମଲକଟାରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୁରୋହିତ ସଂଜୟର ରଥଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇ ପ୍ରାତଃ ସମୟରୁ ଆମ୍ବସରମୁଣ୍ଡା, ଝିଙ୍କିବାହାଳ ଆଦି ବିଭିନ୍ନ ଅଞ୍ଚଳରେ ପ୍ରାୟ ୧୪ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଂକୀର୍ତ୍ତନ ପରିବେଷଣ କରିଥିଲେ। ଗ୍ରାମବାସୀଙ୍କ ତରଫରୁ ଭକ୍ତଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା କରାଯାଇ ଥିଲା।

# କଚ୍ଛପ ଗତିରେ ଚାଲିଛି ତାଳଚେର ଷ୍ଟାଡିୟମ ନିର୍ମାଣ

**ତାଳଚେର ସଦର, ୧୫ ।୩(ସମିସ):**



ପୁରାତନ ସହର ତାଳଚେର ଏକ ଶିଳ୍ପାଞ୍ଚଳ ଭାବେ ସୁନାମ ଅର୍ଜନ କରିଛି। କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ରାଜ୍ୟ ତଥା ଦେଶରେ ଖ୍ୟାତି ଲାଭକରି ଏହି ଅଞ୍ଚଳ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ତେବେ କ୍ରୀଡ଼ାକୁ ଆଉ ପାଦେ ଆଗକୁ ଆଗେଇ ନେବା ପାଇଁ ବହୁ ବିଳମ୍ବରେ ହେଲେ ମଧ୍ୟ ତାଳଚେର ଷ୍ଟାଡିୟମର ଉନ୍ନତି ଓ ଗ୍ୟାଲେରୀ ନିର୍ମାଣ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର କରାଯାଇ କାର୍ଯ୍ୟ ମଧ୍ୟ ଚାଲୁରହିଛି। ହେଲେ ଏହି ନିର୍ମାଣରେ ବ୍ୟାପକ ଦୁର୍ନୀତି ହେଉଥିବା ଓ ନିମ୍ନମାନର କାର୍ଯ୍ୟ କରାଯାଉଥିବା ଅଭିଯୋଗ ହୋଇଛି। ସଠିକ ଭାଗ ମାପରେ ରଡ, ସିମେଣ୍ଟ, ବାଲି ଇତ୍ୟାଦିରେ ହେରଫେର ହେଉଥିବା କାରଣରୁ ଏହାର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାଳଚେର ଟାଉନ ଏକ ନମ୍ବର ୱାର୍ଡ ରାଜବାଟୀ ନିକଟରେ ରାଜା ରାଜୁଡ଼ା ଅମଳରୁ ରହିଥିବା ପାୱାର ହାଉସ ଫିଲ୍ଡରେ କ୍ରୀଡ଼ାବିତମାନେ ଖେଳ ପ୍ରଦର୍ଶନକରି ବିଗତ ବର୍ଷଗୁଡ଼ିକରେ ତାଳଚେର ମାଟିରୁ ବାହାରକୁ ଯାଇ ସୁନାମ ଅର୍ଜନ କରି ତାଳଚେରର ଗର୍ବ ଓ ଗୌରବ ଆଣି ଇତିହାସ ସୃଷ୍ଟି କରିଛନ୍ତି। ଏହି ଘଟଣାକୁ କେନ୍ଦ୍ରକରି ଜିଲ୍ଲା ପ୍ରଶାସନ ଏହି ଫିଲ୍ଡର ଉନ୍ନତିକରଣ ନିମନ୍ତେ ଅଣ୍ଟା ଭିଡ଼ିଥିଲା। ତାଳଚେର କ୍ରୀଡ଼ାର ବିକାଶ ନିମନ୍ତେ ଏହି ପଡ଼ିଆରେ ଅତ୍ୟାଧୁନିକ ପ୍ରଣାଳୀରେ ଉନ୍ନତମାନର ଷ୍ଟାଡିୟମ ନିର୍ମାଣ କରିବାକୁ ବିଭିନ୍ନ ମହଲରେ ବହୁବର୍ଷରୁ ଦାବି ମଧ୍ୟ ହୋଇଆସୁଥିଲା। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଖଣିଜ ପାଣ୍ଠିରୁ ୧୭.୬୬ କୋଟି ଟଙ୍କା ଖର୍ଚ୍ଚରେ ଷ୍ଟାଡିୟମ ନିର୍ମାଣ ହେବାକୁ ସ୍ଥିରୀକୃତ ହେଲା। ଏହି ନିର୍ମାଣ କାର୍ଯ୍ୟ ମାର୍ଚ୍ଚ ୩୧, ୨୦୨୪ ମଧ୍ୟରେ

■ **ନିମ୍ନମାନର କାର୍ଯ୍ୟ; ଉଚ୍ଚସ୍ତରୀୟ ତଦନ୍ତ ଦାବି**

■ **କ୍ରୀଡ଼ାବିତ୍‌ଙ୍କ ମନରେ ବଢୁଛି ଅସନ୍ତୋଷ**

ଶେଷ କରାଯିବ ବୋଲି ନାମ ଫଳକରେ ଉଲ୍ଲେଖ ରହିଥିବା ବେଳେ ଏହି ଷ୍ଟାଡିୟମ ଆଜି ପର୍ଯ୍ୟନ୍ତ ଅଧାଗଢ଼ା ଅବସ୍ଥାରେ ପଡ଼ି ରହିଛି। ଏହାକୁ ନେଇ ବିଭିନ୍ନ ମହଲରେ ଅଭିଯୋଗ ହେବା ପରେ ସମ୍ପୃକ୍ତ ଠିକାଦାରକୁ ଏ ସମ୍ପର୍କରେ ପଚାରିବାରୁ ସେ ପ୍ରକାଶ କରିଛନ୍ତି କି, ସଠିକ୍ ଭାବେ କାର୍ଯ୍ୟାଳୟ ପକ୍ଷରୁ ବିଲ୍ ପ୍ରଦାନ କରା ନଯିବା ଏବଂ ସ୍ଥାନୀୟ ବିଦ୍ୟୁତ୍ ବିଭାଗ ଓ ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସମନ୍ୱୟ ଅଭାବ ଏହାର କାରଣ। ଗଳା ବାଟର ସାହାରା ନେଇ ଖସିଯିବାକୁ ଚେଷ୍ଟାକରି ଏହି କାର୍ଯ୍ୟର ବିଳମ୍ବ ଘଟୁଛି ବୋଲି ସମ୍ପୃକ୍ତ ଠିକାଦାର ପ୍ରକାଶ କରିଛନ୍ତି। ନିର୍ମାଣାଧୀନ ଗୃହ ଗୁଡ଼ିକ ଅଧାପନ୍ତରିଆ ଅବସ୍ଥାରେ ରହିଥିବା ବେଳେ ଖେଳ ପଡ଼ିଆଟିର କୌଣସି ଉନ୍ନତିମୂଳକ କାର୍ଯ୍ୟ ଏ ପର୍ଯ୍ୟନ୍ତ ହୋଇନାହିଁ। ସେହିପରି ଉକ୍ତ ପଡ଼ିଆର ଚତୁଃପାର୍ଶ୍ୱରେ ବର୍ତ୍ତମାନ ସୁଦ୍ଧା ଗ୍ୟାଲେରୀ କାର୍ଯ୍ୟ ଶେଷ ହୋଇପାରିନାହିଁ। ତେବେ ଏହାକୁ ନେଇ କ୍ରୀଡ଼ାବିତଙ୍କ ମହଲରେ ଅସନ୍ତୋଷର ଦାନା ବାନ୍ଧୁଥିବା ବେଳେ ଏହି ଷ୍ଟାଡିୟମ ନିର୍ମାଣ କାର୍ଯ୍ୟ କେବେ ପୂର୍ଣ୍ଣାଙ୍ଗ ହେବ, ତାହା କହିବା ମୁସ୍କିଲ। ଏହି କାର୍ଯ୍ୟରେ ବିଳମ୍ବ ଓ ମାନର ପରୀକ୍ଷା ପାଇଁ ଉଚ୍ଚସ୍ତରୀୟ ତଦନ୍ତ ହେବା ଆବଶ୍ୟକ ବୋଲି କ୍ରୀଡ଼ାବିତ ଓ ବିଦ୍ଧିଜୀବୀମାନେ ଦାବି କରିଛନ୍ତି।

## ଅନୁଗୋଳ ଫ୍ୟାମିଲି କୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସ୍ୱାମୀକୁ ମିଳିଲା ଦାମ୍ପତ୍ୟ ଅଧିକାର

**ଅନୁଗୋଳ, ୧୫ ।୩(ସମିସ):** କୁହାଯାଏ ଘର ପରିବାର ସ୍ୱର୍ଗ, କିନ୍ତୁ ସେହି ପରିବାରରେ ଯେତେବେଳେ ଅଶାନ୍ତି ଦେଖାଦିଏ ସେତେବେଳେ ଏହାକୁ ସୁଧାରିବା ପାଇଁ ବ୍ୟକ୍ତି ପରିବାର ଅଦାଲତର ଆଶ୍ରୟ ନେଇଥାଏ। ଏଭଳି ଏକ ଘଟଣାରେ ଅନୁଗୋଳ ପରିବାର ଅଦାଲତ ଉଜୁଡ଼ିବାକୁ ବସିଥିବା ଏକ ପରିବାରକୁ ସଜାଡ଼ିବା ପାଇଁ ନିଜ ଛାଟ ପ୍ରୟୋଗ କରିଛନ୍ତି। ଅଦାଲତଙ୍କ ରାୟ ଅନୁସାରେ ଅନୁଗୋଳ ଜିଲ୍ଲା ଏକଘରିଆ ଅଞ୍ଚଳର ମାନସ ଶତପଥୀ ଗୋଟିଏ ଘରୋଇ ସଂସ୍ଥାରେ ଚାକିରି କରନ୍ତି। ଗତ ୧.୫.୨୦୧୪ ରେ ନୂଆ ଜରାଶିଂହା ଅଞ୍ଚଳର ଦ୍ରୌପଦୀ ଦାଶଙ୍କୁ ସେ ବିବାହ କରିଥିଲେ। ୭.୨.୨୦୨୨ ଯାଏଁ ସେମାନଙ୍କ ପାରିବାରିକ ସଂସାର ଠିକ୍ ଚାଲିଥିଲା। କିନ୍ତୁ ୮.୨.୨୦୨୨ ଦିନ ଦ୍ରୌପଦୀ ହଠାତ୍ ନିଜ ବାପଘରକୁ ଚାଲି ଯାଇଥିଲେ। ମାନସ ତାଙ୍କୁ ଫେରାଇ ଆଣିବା ପାଇଁ ଶ୍ୱଶୁର ଘରକୁ ବାରମ୍ବାର ଯାଇ ନିରାଶ ହୋଇଥିଲେ। ଦ୍ରୌପଦୀ ଦୁଇଟି ସର୍ତ୍ତରେ ତାଙ୍କ ସହ ଯିବେ ବୋଲି ମାନସଙ୍କୁ କହିଥିଲେ। ସେ ପରିଣତ ବୟସରେ ପହଞ୍ଚିଥିବା ଶାଶୁ ଶ୍ୱଶୁରଙ୍କ ସେବା କରିପାରିବେ ନାହିଁ। ଦ୍ୱିତୀୟରେ ଅନୁଗୋଳ ଟାଉନରେ ତାଙ୍କ ପାଇଁ ଘରଭଡ଼ା ନେଇ ରଖିବେ। ମାନସ ଏହି ଦୁଇଟି ସର୍ତ୍ତ ପୂରଣ କରିପାରିବେ ନାହିଁ ବୋଲି କହିବାରୁ ଦ୍ରୌପଦୀ ତାଙ୍କୁ ଗାଳି ଗୁଲଜ କରି ତଡ଼ି ଦେଇଥିଲେ। ଓଲଟି ମାନସଙ୍କ ନାଁରେ ଏକ ଯୌତୁକ ନିର୍ଯାତନା ମାମଲା ସମଲ ଥାନାରେ ଦେଇଥିଲେ। ଏଇଠୁ ମାନସଙ୍କ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ଥାନା ଓ କୋର୍ଟରୁ ଜାମିନରେ ଆସିବା ପରେ ଘର କାମ ପାଇଁ ଚାକିରି ମଧ୍ୟ ଛାଡିଥିଲେ। ତାଙ୍କର ଆଠ ବର୍ଷର ଝିଅ ଓ ସାଢ଼େ ତିନି ବର୍ଷର ପୁଅର ସେବା ସହ ରୋଗିଣା ବାପା ମା'ଙ୍କ ଭଲ ମନ୍ଦ ବୁଝୁଥିଲେ। ଏହାପରେ ମାନସ ବାଧ ହୋଇ ହିନ୍ଦୁ ବିବାହ ଆଇନ ଅନୁସାରେ ନିଜ ଦାମ୍ପତ୍ୟ ଅଧିକାର ପାଇବା ପାଇଁ ଶେଷରେ ୬.୨.୨୦୨୩ ରେ ଅନୁଗୋଳ ପରିବାର ଅଦାଲତର ଆଶ୍ରୟ ନେଇଥିଲେ। ଶେଷରେ ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅନୁଗୋଳ ପରିବାର ଅଦାଲତ ପକ୍ଷରୁ ନ୍ୟାୟାଧୀଶ ସଦାଶିବ ଜେନା ଗତ ୧୩.୩.୨୦୨୪ ଦିନ ନିଜ ରାୟରେ ଦ୍ରୌପଦୀଙ୍କୁ ମାନସଙ୍କ ସହ ମିଳିମିଶି ରହିବା ପାଇଁ ନିର୍ଦ୍ଦେଶ ଦେବା ସହ ତିନି ମାସ ମଧ୍ୟରେ ଏଥିରେ ବ୍ୟତିକ୍ରମ ଘଟିଲେ ମାନସ ଆଇନ ଅନୁସାରେ ପଦକ୍ଷେପ ନେଇପାରିବେ ବୋଲି ରାୟରେ ଦର୍ଶାଇଛନ୍ତି। ଅଭିଯୋଗକାରୀ ମାନସ ପକ୍ଷରୁ ବରିଷ୍ଠ ଆଇନଜୀବୀ ଯଶୋବନ୍ତ ନାରାୟଣ ପାଠୀ ମକଦ୍ଦମା ପରିଚାଳନା କରିଥିଲେ।

# କଳାବ୍ୟାଜ୍ ପରିଧାନ କରି ଉତ୍କଳ ସାମ୍ବାଦିକ ସଂଘର ପ୍ରତିବାଦ



**କଣିହାଁ, ୧୫ ।୩(ସମିସ):** ସାମ୍ବାଦିକମାନଙ୍କ ବିଭିନ୍ନ ଦାବିକୁ ଅଣଦେଖା କରାଯାଉଥିବା ପ୍ରତିବାଦରେ ଉତ୍କଳ ସାମ୍ବାଦିକ ସଂଘ, କଣିହାଁ ଶାଖା ପକ୍ଷରୁ ଶୁକ୍ରବାର କଳାବ୍ୟାଜ ପରିଧାନ କରି ପ୍ରତିବାଦ କରିବା ସହିତ ବିଭାଗୀୟ ବ୍ଲକ ଅଧିକାରୀ ଅମୀୟ ତ୍ରିପାଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ବୟସ୍କ ସାମ୍ବାଦିକଙ୍କୁ ପେନସନ ପ୍ରଦାନ, ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତାଙ୍କୁ ସାମିଲ କରିବା ଇତ୍ୟାଦି ଦାବିରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ହଜାର ହଜାର ସାମ୍ବାଦିକ ଗତମାସ ୭ତାରିଖରେ ବିଧାନସଭା ଘେରଉ କରିଥିଲେ ହିଁ ଆଜି ପର୍ଯ୍ୟନ୍ତ ସାମ୍ବାଦିକଙ୍କ ଦାବିଗୁଡ଼ିକକୁ ଅଣଦେଖା କରିବା ପ୍ରତିବାଦରେ କଳାବ୍ୟାଜ ପରିଧାନ କରିଛନ୍ତି। ଉତ୍କଳ ସାମ୍ବାଦିକ ସଂଘ କଣିହାଁ ଶାଖା ସଭାପତି କଷ୍ଟୁ ସାମଲଙ୍କ ନେତୃତ୍ୱରେ କଣିହାଁ ଶାଖା ଉପସଭାପତି ଅଲେଖ ଭୁଟିଆ, ଟୁନା ସାହୁ, ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ଧର, ସହସମ୍ପାଦକ ସଚ୍ଚିଦାନନ୍ଦ ପ୍ରଧାନ, ବିରଷ୍ଠ ସାମ୍ବାଦିକ ତଥା ଉପଦେଷ୍ଟା ଧନେଶ୍ୱର ମହାନ୍ତି, କୋଷାଧକ୍ଷ ମହେଶ ନାୟକ, ଡିଲେଶ୍ୱର ସାମଲ, ସୁଶିଲ ନାୟକ, ନିରଜ ପ୍ରଧାନ, ସଞ୍ଜୟ ବିଶ୍ୱାଳ, ଶିଶିର ସାମଲ, ଭାଗିରଥି ସାହୁ, ହେମନ୍ତ ସାହୁଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

# ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ପାଳିତ

**ଅନୁଗୋଳ, ୧୫ ।୩(ସମିସ):** ସାମାଜିକ ସଂଗଠନ 'ସ୍ପନ୍ଦନ' ଅନୁଗୋଳ ତରଫରୁ ଏବଂ ଯୁଗ୍ମ ନିୟନ୍ତ୍ରକ ବୈଧ ମାପ ବିଜ୍ଞାନ(ମାପ ଓ ଓଜନ) ବିଭାଗ, ଅନୁଗୋଳ ଆନୁକୂଲ୍ୟରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ୨୦୨୪ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଅନୁଗୋଳର ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଜିଲ୍ଲା ସଂସ୍କୃତି ବିଭାଗ ଅଧିକାରୀ ଦୁଃଶାସନ ନାଏକ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ଡକ୍ଟର କାହ୍ନୁଚରଣ ପାଢ଼ୀ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ, ଅନୁଗୋଳ ଯୋଗଦେଇ ଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ସୁରେଖା ରଥ, ଯୁଗ୍ମ ନିୟନ୍ତ୍ରକ, ଓଜନ ଏବଂ ମାପ ବିଭାଗ, ଅନୁଗୋଳ, ଇପ୍ସିତା ଜେନା, ଯୋଗାଣ ବିଭାଗ ନିରୀକ୍ଷକ, ଅନୁଗୋଳ, ସମରେନ୍ଦ୍ର ଦେହୁରୀ, ସରପଞ୍ଚ ତୁରଙ୍ଗ, ଡକ୍ଟର ସୋମେଶ ଦତ୍ତ ଦାସ, ଏମବିଏ ବିଭାଗ ମୁଖ୍ୟ ପ୍ରମୁଖ ଯୋଗଦେଇ ଥିଲେ। ସ୍ପନ୍ଦନର ସଦସ୍ୟ ବିଭୁ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ଏହି ଅବସରରେ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ଏକ ପଦ ଯାତ୍ରାକୁ ଅନୁଗୋଳ ମହାବିଦ୍ୟାଳୟର ଅଧକ୍ଷ ଗଙ୍ଗାଧର କର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।




## ଚମକିବ ମା' ହିଙ୍ଗୁଳାଙ୍କ ମନ୍ଦିର

# ୨୦୦ ସୋଲାର୍ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ପାଇଁ ଭୂମିପୂଜନ

କଣିହାଁ, ୧୫ ।୩(ସମିସ): ତାଳଚେର ଉପଖଣ୍ଡ କଣିହା ବ୍ଲକସ୍ଥିତ ଏନଟିପିସି କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ନିରନ୍ତର ବିକାଶ ପଦକ୍ଷେପର ଏକ ଅଂଶ ଭାବରେ ମା' ହିଙ୍ଗୁଳା ମନ୍ଦିର ପରିସରରେ ୨୦୦ ଟି ସୋଲାର ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ ପାଇଁ ଆୟୋଜିତ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏନଟିପିସି ପ୍ରକଳ୍ପର ମହାପ୍ରବନ୍ଧକ ଅଶୋକ କୁମାର ସେହଗଲ, ଜିଏମ ମଣ୍ଟେନାନ୍ସ ଏଜେ ରାଜକୁମାର, ଏଜିଏମ ଏଚଆର୍ ବି କେ ପାଣ୍ଡେ ପ୍ରମୁଖ ଯୋଗଦେଇଥିଲେ। ଶ୍ରଦ୍ଧାଳୁଙ୍କ ସୁରକ୍ଷା, ମନ୍ଦିରର ସୌନ୍ଦର୍ଯ୍ୟକରଣ, ସ୍ୱାସ୍ଥ୍ୟ, ପରିବେଶ ଉଦ୍ଦେଶ୍ୟରେ ଆଲୋକୀକରଣ ବ୍ୟବସ୍ଥା ହେଲେ ଆଗାମୀ ଦିନରେ ମନ୍ଦିର ମହତ୍ୱ ବହନ କରିବ। ଏହି ଲାଇଟ୍ ଲାଗିଲା ପରେ ମା' ହିଙ୍ଗୁଳାଙ୍କ ମନ୍ଦିର ଓ ଏହାର ଆଖପାଖ ଅଞ୍ଚଳ ଚମକିବ ବୋଲି କୁହାଯାଉଛି। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ପରିଦର୍ଶନ ପାଇଁ ସୁସଜ୍ଜିତ ରାସ୍ତା, ଆଲୋକୀକରଣ ବ୍ୟବସ୍ଥା କରାଯାଇଥିବାରୁ ସାଧାରଣରେ ଉତ୍ସାହ ପ୍ରକାଶ ପାଇଛି।



# ଯୁବକଙ୍କୁ ଠେଙ୍ଗାରେ ଆକ୍ରମଣ

ବଇଣ୍ଡା, ୧୫ ।୩(ସମିସ):ଠାକୁରଗଡ଼ ଥାନା ପାଇକସାହି ଗ୍ରାମର ପ୍ରଦୀପ ମାଝୀଙ୍କୁ ସେହି ଗ୍ରାମର ସରୋଜ ମାଝୀ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ପ୍ରଦୀପ ଗୁରୁବାର ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୁଲିସ ନମ୍ବର ୬୨/୨୪ରେ ଏକ ମାମଲା ରୁଜୁ କରିଛି। ପୁଲିସ କହିଛି ଯେ, ପ୍ରଦୀପ ଘରେ ଥିବା ବେଳେ ସରୋଜ ତାଙ୍କୁ ମଦ ପିଇବା ପାଇଁ ଡ଼ାକିଥିଲେ। ହେଲେ ସେ ନ ଯିବାରୁ ତାଙ୍କୁ ଏକ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ପତ୍ରରେ ଉଲେଖ କରାଯାଇଛି।

# ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ବଣ୍ଠଁରପାଳ, ୧୫ ।୩(ସମିସ):** ବଣ୍ଠଁରପାଳ ଥାନା ଅନ୍ତର୍ଗତ ସିମିଳି ସାହିର ସୁବ୍ରତ ଭୂତିଆ (୫୮) ଗତ ୧୩ ତାରିଖ ସନ୍ଧ୍ୟାରେ ପରିସ୍ରା କରିବାକୁ ଯାଇ ଆଉ ଘରକୁ ଫେରି ନଥିଲେ। ଏନେଇ ପରିବାର ପକ୍ଷ୍ୟରୁ ଖୋଜା ଖୋଜି କରିବା ପରେ ନୂଆହତା ବାଇପାସ ରାସ୍ତା ନିକଟ ଡ୍ରେନରେ ମରି ପଡିଥିବା ଜଣାପଡିଥିଲା। ପୁଲିସ ଶବକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଅନୁଗୋଳ ଡାକ୍ତରଖାନାକୁ ପଠାଇଥିବା ପୁଲିସ ସୂତ୍ରରୁ ପ୍ରକାଶ। ମୃତ ସୁବ୍ରତ ଜଣେ ମାନସିକ ରୋଗୀ ଓ ତାଙ୍କର ଏକମାତ୍ର ପୁଅ ଓ ବିଧବା ସ୍ତ୍ରୀ ଅଛନ୍ତି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଅନୁଗୋଳ, ୧୫ ।୩(ସମିସ): ଅନୁଗୋଳ ସଦର ଥାନା ଅନ୍ତର୍ଗତ ନୂଆ ବାଇପାସ୍ ଶାଳବଣି ଅଞ୍ଚଳରେ ଥିବା ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି ପୁଲିସ। ବେନ୍ତପୁର ପଞ୍ଚାୟତର ମୁଣ୍ଡହତାର ବସନ୍ତ ନାଏକଙ୍କ ପୁଅ ବଳିଆ ନାଏକ (୨୨) ଗତ କାଲି ସନ୍ଧ୍ୟା ସମୟରୁ କାମ କରିବାକୁ ଘର ବାହାରକୁ ଯାଇଥିଲେ। ଆଜି ସକାଳେ ନୂଆ ବାଇପାସ୍ ଶାଳବଣି ଅଞ୍ଚଳରେ ଥିବା ଏକ ଜମ୍ବୁ ଗଛରେ ବଳିଆଙ୍କ ମୃତଦେହ ଝୁଲି ରହିଥିବା ଅଞ୍ଚଳବାସୀ ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପରିବାର ଲୋକ ପହଞ୍ଚି ସଦର ଥାନାକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତ ଦେହକୁ ଉଦ୍ଧାର କରିବା ସହିତ ତଦନ୍ତ ଆରମ୍ଭ କରିଛି।

## ଖୁଣ୍ଟ ଓ ଟ୍ରାନ୍ସଫର୍ମର ଅଛି, ଦୀର୍ଘ ବର୍ଷ ହେବ ତାର ଲାଗିପାରୁନି

# ଅନ୍ଧାରରେ ଜୀବନ କାଟୁଛନ୍ତି ବାଘୁଆପାଟ ଗ୍ରାମବାସୀ



**ଜଗନ୍ନାଥପୁର, ୧୫ ।୩(ସମିସ)**

ଅନୁଗୋଳ ଜିଲ୍ଲା ଏକ ଶିଳ୍ପ ସମୃଦ୍ଧ ଜିଲ୍ଲା। ଏହିଠାରୁ ବିଭିନ୍ନ ଶିଳ୍ପ ସଂସ୍ଥା ଦ୍ୱାରା ବିଦ୍ୟୁତ ଉତ୍ପନ୍ନ ହୋଇ ରାଜ୍ୟ ତଥା ଦେଶରେ ଥିବା ଅନ୍ୟ ରାଜ୍ୟକୁ ବିତରଣ ହେଉଛି। କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଅନୁଗୋଳ ଜିଲ୍ଲା ସଦର ମହକୁମା ଠାରୁ ମାତ୍ର ୨୦ କିଲୋମିଟର ଦୂରରେ ଥିବା ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ କରତପଟା ନିକଟସ୍ଥ ନନ୍ଦପୁର ପଞ୍ଚାୟତର ବାଘୁଆପାଟ ଗ୍ରାମରେ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଦେଶ ସ୍ୱାଧୀନତାର ଏତେ ବର୍ଷ ବିତିଯାଇଥିଲେ ମଧ୍ୟ ଏହି ଗ୍ରାମକୁ ବିଦ୍ୟୁତ ସଂଯୋଗ ହୋଇପାରିନାହିଁ। ଫଳରେ ରାତି ହେଲେ ଅନ୍ଧାର ମଧ୍ୟରେ ଜୀବନ ବିତାଉଛନ୍ତି ଗ୍ରାମବାସୀ। ଏହି ଗ୍ରାମର ୨ଟି ସାହିରେ ୪୦ରୁ ଉର୍ଦ୍ଧ୍ୱ ଆଦିବାସୀ ପରିବାରର ମୋଟ ଜନସଂଖ୍ୟା ୨୦୦ ହେବ। ସେହି ଗ୍ରାମରେ ଗ୍ରାମବାସୀ ଦୀର୍ଘ ୫୦ରୁ ଉର୍ଦ୍ଧ୍ୱ ବର୍ଷ ହେଲାଣି ବସବାସ କରୁଛନ୍ତି। ହେଲେ ଉକ୍ତ ଗ୍ରାମକୁ ବର୍ତ୍ତମାନ ପର୍ଯ୍ୟନ୍ତ ବିଦ୍ୟୁତ ଭଳି ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ୫ବର୍ଷ ତଳେ ଗାଁରେ ବିଦ୍ୟୁତ ଟ୍ରାନ୍ସଫର୍ମର ବସିଛି, ବିଦ୍ୟୁତ ଖୁଣ୍ଟ ମଧ୍ୟ ଯାଇଛି, ହେଲେ ଖୁଣ୍ଟରେ ତାର ନାହିଁ। ଗ୍ରାମବାସୀ ଅତ୍ୟନ୍ତ କ୍ଷୋଭର ସହିତ ପ୍ରକାଶ କରିଛନ୍ତି ଯେ, ସ୍ଥାନୀୟ ଜଙ୍ଗଲ ବିଭାଗ ଓ ବିଦ୍ୟୁତ ବିଭାଗ ବିତରଣ କମ୍ପାନୀ ମଧ୍ୟରେ ସମନ୍ୱୟ ଅଭାବ କାରଣରୁ ଆଦିବାସୀ ଅଧ୍ୟୁଷିତ ଗ୍ରାମବାସୀ ବିଦ୍ୟୁତ ଅଧିକାର ପାଇବାରୁ ବଞ୍ଚିତ ଅଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ବିଦ୍ୟୁତ ଟ୍ରାନ୍ସଫର୍ମରରେ ଜଙ୍ଗଲୀ ଲତା ମାଡିଯାଇଛି, ତତସହିତ ଉକ୍ତ ଟ୍ରାନ୍ସଫର୍ମରକୁ ଲାଗି କେନ୍ଦ୍ର ସରକାରଙ୍କ ଦିନଦୟାଲ ଉପାଧ୍ୟାୟଙ୍କ ନାମରେ ନାମିତ ହୋଇଥିବା ଗ୍ରାମୀଣ ବିଦ୍ୟୁତ ଯୋଜନାର ଏକ ବିଜ୍ଞାପନ ବୋର୍ଡ ଲାଗିଛି। ଲାଗୁଛି ସତେଯେପରି ଏହା ନିରୀହ ଆଦିବାସୀଙ୍କ ଉପରେ କେନ୍ଦ୍ର ସରକାରଙ୍କ ଏକ ଉପହାସ। ଜିଲ୍ଲାର ଉଚ୍ଚପଦସ୍ଥ କର୍ତ୍ତୃପକ୍ଷ, ଏଥି ପ୍ରତି ଦୃଷ୍ଟି ଦେବାକୁ ସାଧାରଣ ରେ ଦାବି ହେଉଛି।

# ଉତ୍ତେଜନାପୂର୍ଣ୍ଣ ବୁଥ୍‌ଗୁଡ଼ିକର ଯାଞ୍ଚ



**ବଇଣ୍ଡା, ୧୫ ।୩(ସମିସ):** କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ଥିବା ଉତ୍ତେଜନାପୂର୍ଣ୍ଣ ବୁଥଗୁଡିକକୁ ପୁଲିସ ପକ୍ଷରୁ ଯାଞ୍ଚ କରାଯାଇଛି। ଶୁକ୍ରବାର କିଶୋରଗଞ୍ଜ, ଜାମୁନାଳି, କଦଳୀମୁଣ୍ଡା, ଗୋଳାସର ବିଦ୍ୟାଳୟ ଗୁଡିକରେ ହେଉଥିବା ବୁଥଗୁଡିକକୁ ଯାଞ୍ଚ କରିବା ସହ ଗ୍ରାମ ଗୁଡିକରେ ଫ୍ଲାଗ ମାର୍ଚ କରାଯାଇଛି। ଏହି ବୁଥଗୁଡିକ ଉତ୍ତେଜନାପୂର୍ଣ୍ଣ ଥିବା ବେଳେ କିଭଳି କଡ଼ା ସୁରକ୍ଷା ମଧ୍ୟରେ ମତଦାନ ହେବ ସେ ନେଇ ପୁଲିସ ପକ୍ଷରୁ ସମୀକ୍ଷା କରାଯାଇଥିଲା। ହଣ୍ଡପା ଥାନା ଆଇଆଇସି ନମିତା ନାୟକ, ବଇଣ୍ଡା ଫାଣ୍ଡି ଅଧିକାରୀ ସ୍ୱରୂପ ରଞ୍ଜନ ପତ୍ରୀ, ହଣ୍ଡପା ସେକେଣ୍ଡ ଅଫିସର ତରଣି ବାହାଳଙ୍କ ସହ ସ୍ୱତନ୍ତ୍ର ପୁଲିସ ବାହିନୀ ପକ୍ଷରୁ ଯାଞ୍ଚ କରାଯାଇଥିଲା।

